ମରୁଭୂମିର ଜୀବଜନ୍ତୁ

ପ୍ରଫେସର (ଡା) ଜେ. ଏମ୍. ସେନାପତି, ଏମ.ଡି

Digitized by PPRACHIN, SOA

ମରୁଭୂମିର ଜୀବଜନ୍ତୁ
(Desert Animals)

ସଂଗ୍ରାହକ :

ପ୍ରଫେସର (ଡା) ଜେ. ଏମ୍ . ସେନାପତି , ଏମ୍.ଡ଼ି.
(ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜର ଅବସରପ୍ରାପ୍ତ ପ୍ରଫେସର
ଏବଂ ଶରୀରତତ୍ତ୍ୱ ବିଭାଗୀୟ ମୁଖ୍ୟ)
(ଡା.ବି.ସି.ରାୟ ସର୍ବଭାରତୀୟ ପୁରସ୍କାର ପ୍ରାପ୍ତ)

ପ୍ରକାଶକ :

ତତ୍ତ୍ୱମସୀ ପବ୍ଲିକେଶନ
୧୭୬ , କାନନ ବିହାର, ଫେଜ୍ -୨, ଭୁବନେଶ୍ୱର

Digitized by PPRACHIN, SOA

ମରୁଭୂମିର ଜୀବଜନ୍ତୁ

ସଂଗ୍ରାହକ :
ପ୍ରଫେସର ଜେ.ଏମ୍.ସେନାପତି

ପ୍ରକାଶକ :
ତତ୍ତ୍ୱମସୀ ପବ୍ଲିକେଶନ୍
୧୭୬,କାନନ ବିହାର,ଫେଜ୍- ୨ ,ଭୁବନେଶ୍ୱର

ପ୍ରଥମ ସଂସ୍କରଣ : ୨୦୦୧

ଅକ୍ଷର ସଜ୍ଜା :
ଶୌର୍ଯ୍ୟ ପ୍ରକାଶନ
ଓଡ଼ିଆ ବଜାର ,କଟକ - ୧

ମୁଦ୍ରଣ :
ଟେକ୍ନୋଭର୍ସ
ମୈତ୍ରୀ ସରଣୀ , ଜଳାବିକାଶ କେନ୍ଦ୍ର ରୋଡ୍
ବକ୍ସି ବଜାର,କଟକ

ମୂଲ୍ୟ : ଟ ୧୫.୦୦ ମାତ୍ର

Digitized by PPRACHIN, SOA

ସୂଚୀପତ୍ର

ବିଷୟ	ପୃଷ୍ଠା
ମରୁଭୂମିରେ ବାସ କରୁଥିବା କିଛି ଜନ୍ତୁ	୯
ମରୁଭୂମିରେ ବାସ କରୁଥିବା ଜନ୍ତୁ ନିଜକୁ କିପରି ଥଣ୍ଡା ରଖନ୍ତି ?	୧୦
କେତେକ ମରୁଭୂମିରେ ବାସ କରୁଥିବା ଜନ୍ତୁଙ୍କର କାହିଁକି ବଡ଼ କାନ ଥାଏ ?	୧୦
ମରୁଭୂମିର କେଉଁ ଜନ୍ତୁ ସୂର୍ଯ୍ୟକିରଣରୁ ରକ୍ଷା ପାଇବା ପାଇଁ ନିଜ ଲାଞ୍ଜକୁ ଛତା ପରି ବ୍ୟବହାର କରିଥାଏ ?	୧୦
ନିଜ ଦେହର ଉତ୍ତାପ ନିୟନ୍ତ୍ରଣ କରିପାରୁନଥିବା ଜୀବଜନ୍ତୁ ମରୁଭୂମିର ପ୍ରଚଣ୍ଡ ଉତ୍ତାପରେ ବାସ କିପରି କରନ୍ତି ?	୧୧
ମରୁଭୂମି କ'ଣ ସବୁବେଳେ ଗରମ ଥାଏ ?	୧୧
ମରୁଭୂମିରେ ବାସ କରୁଥିବା ଜନ୍ତୁ ଅଧିକ ସମୟ ଶୁଅନ୍ତି କି ?	୧୧
ମରୁଭୂମିରେ ବାସ କରୁଥିବା ଜନ୍ତୁ କେତେବେଳେ ଶୀକାର କରନ୍ତି ?	୧୧
ମରୁଭୂମିରେ ଜନ୍ତୁମାନେ କ'ଣ ପିଅନ୍ତି ?	୧୧
କିଏ ବିଷାକ୍ତ ସିଜୁ ଗଛର ରସ ପିଏ ?	୧୨
କିଏ ଲାଙ୍ଗୁଡ଼ରେ ଖାଦ୍ୟ ସଂଚୟ କରି ରଖେ ?	୧୨
ଖରାରେ ଓଟମାନଙ୍କ ଚର୍ମ କାହିଁକି ପୋଡିଯାଏ ନାହିଁ ?	୧୨
କିଏ ମାଟିତଳେ ଦଶମାସ ରହେ ?	୧୩
ମରୁଭୂମିର କେଉଁ ଜନ୍ତୁ ସବୁଠାରୁ ବେଶୀ ପାଣି ପିଇପାରେ ?	୧୩
କିଏ ମୁଣ୍ଡରେ ଠିଆ ହୋଇ କୁହୁଡି ପିଏ ?	୧୩
କାକର କାହିଁକି ଡ଼େଭିଲ୍‌ର ପ୍ରିୟ ପାନୀୟ ?	୧୩
କେଉଁ ବେଙ୍ଗ ନିଜେ ନିଜର ପାଣି ମୁଣା ?	୧୩
କେତେବେଳେ ମୂଷା କଙ୍ଗାରୁ ଭଳି ଡେଇଁ ଡେଇଁ ଚାଲେ ?	୧୪
କେଉଁ ସୁନେଲି ସ୍ତନ୍ୟପାୟୀ ଜନ୍ତୁ ବାଲିରେ ପହଁରିପାରେ ?	୧୪
କେଉଁ ଝିଟିପିଟି ପାଦ ଥଣ୍ଡା ରଖିବା ପାଇଁ ନାଚେ ?	୧୫

Digitized by PPRACHIN, SOA

ମରୁଭୂମିରେ କେଉଁ ଜନ୍ତୁ ଚାଲିଲାବେଳେ ଯୋତା ପିନ୍ଧିଲାଭଳି ଦେଖାଯାଏ ? ୧୫
କେଉଁ ଝିଟିପିଟି ମାଛ ପରି ଚାଲେ ? ୧୫
ମରୁଭୂମିର କେଉଁ ପକ୍ଷୀ ସବୁଠାରୁ ଶୀଘ୍ର ଦଉଡିପାରେ ? ୧୫
କେଉଁ ପତଙ୍ଗ ଡେଇଁ ପାରେ ଏବଂ ଉଡିପାରେ ? ୧୬
ମରୁଭୂମିର କେଉଁ ଜନ୍ତୁଙ୍କର ପରଦାଯୁକ୍ତ ପାଦ ଥାଏ ? ୧୬
କେଉଁ ସାପ ଶବ୍ଦ କରି ସମସ୍ତଙ୍କୁ ସାବଧାନ କରିଦିଏ ? ୧୬
କଙ୍କଡ଼ା କିପରି ଚାଲେ ? ୧୬
ଶତ୍ରୁ ଆକ୍ରମଣରୁ ସ୍କାଂକ୍ ଜନ୍ତୁ କିପରି ନିଜକୁ ରକ୍ଷା କରେ ? ୧୭
ମରୁଭୂମିର ପହିଲମାନ ଜନ୍ତୁ କିଏ ? ୧୭
ମରୁଭୂମିର କେଉଁ ପକ୍ଷୀ ଆତ୍ମରକ୍ଷା ପାଇଁ ଅସ୍ତ୍ରରେ ସଜ୍ଜିତ ଓ ବିପଦ ଜନକ ? ୧୭
ଗିଲା ଝିଟିପିଟିକୁ କାହିଁକି ସମସ୍ତେ ଡରନ୍ତି ? ୧୮
କେଉଁ ବେଙ୍ଗ ପିଠିରେ ବିଷାକ୍ତ ଭାତୁଡ଼ି (wart) ଥାଏ ? ୧୯
ନିଜର ଜୀବନ ବଞ୍ଚାଇବା ପାଇଁ କିଏ ଲାଙ୍ଗୁଡ଼ ହଲାଇଥାଏ ? ୧୯
କଙ୍ଗାରୁ ପରି ଦେଖାଯାଉଥିବା ମୂଷା କାହିଁକି ଡିଏଁ ? ୧୯
କିଏ ପଥର ଫାଙ୍କରେ ନିଜକୁ ଚିପି ରଖିପାରେ ? ୧୯
Rattle snake ବା ସାପ ତାହାର ଖାଦ୍ୟ ମୂଷାକୁ କିପରି ମାରି ଖାଏ ? ୧୯
ଜେରୋବା ମୂଷା କାହିଁକି ସାପକୁ ଭୟ କରେ ? ୧୯
କେଉଁ ଜନ୍ତୁ ଖାଦ୍ୟ ପାଇଁ ଅନ୍ୟ ଜନ୍ତୁକୁ ଚିପି ମାରିଦିଏ ? ୨୦
Rattle snake ର ବୟସ କିପରି ଜଣାପଡ଼େ ? ୨୦
କେଉଁ ଜନ୍ତୁ ସିଂହର ଖାଦ୍ୟ ଲୁଚାଇ ନେଇ ଖାଇଦିଏ ? ୨୦
କେଉଁ ଜନ୍ତୁ ଆକାଶରୁ ଇଗଲ ପକ୍ଷୀକୁ ଧରି ନିଏ ? ୨୦
କାହିଁକି ପିମ୍ପୁଡ଼ି ସିଂହ (Ant lion) ଗାତ ଭିତରେ ରହେ ? ୨୦
ସାପ କିପରି ନିଜର ଶୀକାରର ଅବସ୍ଥିତି ବିଷୟରେ ଜାଣିପାରେ ? ୨୧
ପୃଥିବୀରେ ସବୁଠାରୁ ଶୀଘ୍ର ଦଉଡ଼ି ପାରିବା ଜନ୍ତୁ କିଏ ? ୨୧

Digitized by PPRACHIN, SOA

ମରୁଭୂମିରେ ପାଣିଥିବା ସ୍ଥାନ କାହିଁକି ପକ୍ଷୀମାନଙ୍କ ପାଇଁ ବିପଦ୍‌ଜନକ ? ୨୧
ଡୋମିନୋ ବିଟ୍‌ଲ (Domino bettle) କିପରି ନିଜକୁ ରକ୍ଷା କରେ ? ୨୧
କେଉଁ ଜନ୍ତୁ ଦେହରୁ ଶର ପରି କଣ୍ଟା ଛାଡ଼େ ? ୨୨
କେତେବେଳେ ଗେର୍‌ବିଲ୍ (gerbil) ନିଜ ଲାଙ୍ଗୁଡ଼ ହରାଏ ? ୨୨
କିଏ ଲାଙ୍ଗୁଡ଼ ଦ୍ୱାରା ଶତ୍ରୁକୁ ଘଉଡ଼ାଇଦିଏ ? ୨୨
କେଉଁ ଝିଟିପିଟି ଅଧିକାଂଶ ସମୟ ଶୋଇବାରେ କଟାଇଦିଏ ? ୨୨
କେଉଁ ସାପ ଖାଦ୍ୟ ପାଇଁ ବାଲିରେ ଚୁପ୍‌ଚାପ୍ ଶୋଇ ଅପେକ୍ଷା କରିଥାଏ ? ୨୨
କେଉଁ ବିଷ ନ ଥିବା ସାପ ମଧ୍ୟ ବିଷାକ୍ତ ସାପ ପରି ଭୟ ସଞ୍ଚାର କରେ ? ୨୩
କେଉଁ ସାପ ମଲାପରି ପଡ଼ିରହିଥାଏ ? ୨୩
କେଉଁ ସାପ ଫଣା ଟେକି ବିଷ ଜୋରରେ ନିକ୍ଷେପ କରେ ? ୨୩
ମରୁଭୂମି ବାଲିରେ ରହୁଥିବା ବିଲେଇକୁ ଦେଖିବା କାହିଁକି କଷ୍ଟ ? ୨୩
କେଉଁ ଜନ୍ତୁର ଦୁଇଟି ମୁଣ୍ଡ ଅଛି ? ୨୪
ଝିଟିପିଟି କାହିଁକି ଛତା ପରି ଦେଖାଯାଏ ? ୨୪
କେଉଁଥିରୁ ଜଣାପଡ଼େ ଯେ ଗିଲା ଝିଟିପିଟି ବିଷାକ୍ତ ଜନ୍ତୁ ? ୨୪
କେତେବେଳେ ଗୁଣ୍ଡୁଚି ମୂଷା କୃଷ୍ଣସାର ମୃଗ (Antelope)
ପରି ଦେଖାଯାଏ ? ୨୪
କେଉଁ ପତଙ୍ଗକୁ ମରୁଭୂମିର ଲୋକ ସବୁଠାରୁ ବେଶୀ ଡରନ୍ତି ? ୨୫
ପିମ୍ପୁଡ଼ି କିପରି ଦଳବଦ୍ଧ ହୋଇ କାମ କରନ୍ତି ? ୨୫
ବହୁ ସଂଖ୍ୟକ ଏକପ୍ରକାର ଜନ୍ତୁ ଏକାଠି ରହିଲେ ସୁରକ୍ଷା ମିଳେ ୨୫
କେଉଁ ପକ୍ଷୀ ମେଘ ପଛରେ ଗୋଡ଼ାଏ ? ୨୫
କେଉଁ ଜନ୍ତୁ ଶରୀର ବାସନା ଦ୍ୱାରା ଯୋଗାଯୋଗ କରନ୍ତି ? ୨୬
କେଉଁ ମରୁଭୂମି ପକ୍ଷୀ ଯାଯାବର ? ୨୬
Meerkat କାହିଁକି ପଛ ଦୁଇଗୋଡ଼ରେ ଠିଆ ହୁଏ ? ୨୬
ଗେର୍‌ବିଲ୍‌ମାନେ କେଉଁଠାରେ ଖାଦ୍ୟ ରଖନ୍ତି ? ୨୭

Digitized by PPRACHIN, SOA

କେଉଁ ମରୁଭୂମିରେ ରହୁଥିବା ସ୍ତନ୍ୟପାୟୀ ପ୍ରାଣୀ ଶୀଘ୍ର ଦଉଡିପାରେ ? ୨୭
କିଟ୍ କୋକିଶିଆଳୀ କିପରି ଖାଦ୍ୟ ସଂଗ୍ରହ କରେ ? ୨୭
ଏକିଡ୍‌ନାସ (Echidnas) ମାନେ କିପରି ଖାଦ୍ୟ ଖାଆନ୍ତି ? ୨୭
କଣ୍ଟା ସିଜୁ ବୁଦା ଭିତରେ କିଏ ବସା ବାନ୍ଧେ ? ୨୭
ଓଟର କେତୋଟି କୁଜ ଅଛି ? ୨୭
ଓଟକୁ କାହିଁକି ମରୁଭୂମିର ଜାହାଜ କୁହାଯାଏ ? ୨୮
ଓଟ ଆଖିରେ ଓ ନାକରେ କାହିଁକି ବାଲି ପଶିଯାଏ ନାହିଁ ? ୨୮
ଓଟ କୁଜ ଭିତରେ କ'ଣ ଥାଏ ? ୨୯
ମରୁଭୂମିର କେଉଁ ଜନ୍ତୁର ପ୍ରକୃତି ସବୁଠାରୁ ଖରାପ ? ୨୯
କେଉଁ ପକ୍ଷୀ ସିଜୁ ଗଛରେ କଣା କରି ସେଥିରେ ବସା କରେ ? ୨୯
କେଉଁ ପକ୍ଷୀ ଠେକୁଆ ଖୋଳିଥିବା ଗାତ ଭିତରେ ବାସକରେ ? ୨୯
କେଉଁ ମରୁଭୂମି ପକ୍ଷୀ ଅନ୍ୟପକ୍ଷୀ ତିଆରି କରିଥିବା ବସାରେ ରହେ ? ୨୯
ଶାଗୁଣା ମାନଙ୍କୁ କାହିଁକି ଶୋଷ ହୁଏ ନାହିଁ ? ୩୦
କେଉଁ ଆମେରିକାନ୍ ପକ୍ଷୀ ଶୀଘ୍ର ଦଉଡ଼ି ପାରେ ? ୩୦
କେଉଁ ପକ୍ଷୀ ସିଜୁ ଗଛ ଉପରେ ବସା ବାନ୍ଧେ ? ୩୦
Road runner ପକ୍ଷୀର ନାମକରଣ କିପରି ହେଲା ? ୩୦
ଶୋକ କରୁଥିବା କପୋତ ପକ୍ଷୀର ନାମ କିପରି ହେଲା ? ୩୧
କାହିଁକି Honey pot ପିମ୍ପୁଡ଼ି ଅନ୍ୟ ପତଙ୍ଗମାନଙ୍କୁ ବନ୍ଦୀ କରି ରଖନ୍ତି ? ୩୧
ଏହି ପିମ୍ପୁଡ଼ିର ନାମ କରଣ କିପରି ହେଲା ? ୩୧
ସାପ କିପରି ତାହାଠାରୁ ବଡ଼ ଜନ୍ତୁ ଗିଳିପାରେ ? ୩୧
Jewel ବିରୁଡ଼ି ର ନାମକରଣ କିପରି ହେଲା ? ୩୧
Jewel wasp ବା ବିରୁଡି ତାହାର ପିଲାଙ୍କୁ କିପରି ଖାଦ୍ୟ ଖୁଆଏ ? ୩୨
ସାପ ଭଲ ଭାବରେ ଦେଖିପାରେ ନାହିଁ କିମ୍ବା ଶୁଣିପାରେ
ନାହିଁ ତଥାପି ସେ କିପରି ଖାଦ୍ୟ ଶୀକାର କରେ ଏବଂ

Digitized by PPRACHIN, SOA

କ'ଣ ପାଇଁ ସବୁବେଳେ ଜିଭ ବାହାରକୁ ବାହାର କରୁଥାଏ ? ୩୨
କେଉଁ ସାପ କଡ଼େଇ କଡ଼େଇ ଚାଲେ ? ୩୩
ସାପ ପରି କେଉଁ ପକ୍ଷୀ ହିସ୍‌ହିସ୍ ଶବ୍ଦ କରେ ? ୩୩
କେଉଁ ଅଦୃଶ୍ୟ ଜୀବ ଜିଭ ସାହାଯ୍ୟରେ ଶିକାର କରେ ? ୩୩
ମରୁଭୂମିର କଙ୍କଡ଼ କେଉଁ ଖାଦ୍ୟ ଖାଆନ୍ତି ? ୩୩
କେଉଁ ଜନ୍ତୁର ଆଖି ଖାଇବାରେ ସାହାଯ୍ୟ କରେ ? ୩୪
ମରୁଭୂମିରେ କେଉଁ ଜନ୍ତୁ ସାଞ୍ଜୁ ପିନ୍ଧିଥାଏ ? ୩୪
ମଣିଷ କେଉଁ ପତଙ୍ଗ ଖାଆନ୍ତି ? ୩୪
କେଉଁ ମାଙ୍କଡ଼ସା ଏତେ ଖାଏ ଯେ ଶେଷରେ ମରିଯାଏ ? ୩୪
Dung beetle ର ନାମ କରଣ କିପରି ହେଲା ? ୩୪
କେଉଁ ମରୁଭୂମି ପକ୍ଷୀ ବିଶ୍ୱାସୀ ? ୩୫
ସବୁଜ ବେଙ୍ଗ କିପରି ରଡ଼ି କରେ ? ୩୫
ବାଷ୍ଟାର୍ଡ଼ ପକ୍ଷୀ କିପରି ନିଜକୁ ସଜାଏ ? ୩୫
କାହାର ଥୋମଣୀ ପାଖରେ ଦାନ୍ତ ଅଛି ? ୩୬
କେଉଁ ଅଣ୍ଡିରା ହରିଣର ବହୁତ ସ୍ତ୍ରୀ ଥାଆନ୍ତି ? ୩୬
କିଏ ଭଲ ନାଚି ନ ପାରିଲେ ଦଣ୍ଡ ପାଏ ? ୩୬
ପଙ୍ଗପାଳ ଗୀତ ଗାଇବା ପରି ଶବ୍ଦ କାହିଁକି କରେ ? ୩୬
ମରୁଭୂମିରେ ବାସ କରୁଥିବା କେଉଁ ସ୍ତନ୍ୟପାୟୀ ପ୍ରାଣୀ ଅଣ୍ଡାଦିଏ ? ୩୬
ବୁଡ଼ୁଜି ପକ୍ଷୀମାନେ ତାଙ୍କ ପିଲାଙ୍କୁ କ'ଣ ଖୁଆନ୍ତି ? ୩୬
କେଉଁ ଜୀବ ଦୁଇଦିନରେ ଅଣ୍ଡା ଫୁଟାଇ ଦୁଇ ସପ୍ତାହ
ମଧ୍ୟରେ ଏକ ବଡ଼ ଜୀବ ହୋଇଯାଏ ? ୩୭
କେଉଁ ପତଙ୍ଗ ଅନେକ ଥର ନିଜ ଦେହର ଚର୍ମ ବଦଳାଏ ? ୩୭
କେଉଁ ମରୁଭୂମି ଜନ୍ତୁ ନିଜ ଛୁଆକୁ ଦେହରେ ଥିବା ଥଳୀରେ ରଖେ ? ୩୭
କେଉଁ ପକ୍ଷୀ ଶାବକ ତାହାର ବାପାଙ୍କ ପରରୁ ପାଣି ପିଏ ? ୩୮

Digitized by PPRACHIN, SOA

ପିମ୍ପୁଡି ସିଂହ ବଡ଼ ହୋଇଗଲେ କ'ଣ କରନ୍ତି ? ୩୮
କେଉଁ ଜନ୍ତୁ ପିଲାଙ୍କ ପାଇଁ ''ଧାଇ ମା'' ରଖନ୍ତି ? ୩୮
ମରୁଭୂମିର କେଉଁ ଛୋଟ ଜୀବ ମାରାତ୍ମକ ? ୩୮
କଙ୍କଡା ବିଛା କେତେବେଳେ ଅନ୍ୟକୁ ଆକ୍ରମଣ କରେ ? ୩୯
କଙ୍କଡା ବିଛା ତା ଠାରୁ ଆକାରରେ ବଡ଼ ଜନ୍ତୁ କିପରି ଖାଏ ? ୩୯
କଙ୍କଡା ବିଛାର କାହିଁକି ଗୋଡରେ ବାଳ ଥାଏ ? ୩୯
କଙ୍କଡା ବିଛା ତାହାର ପିଲାମାନଙ୍କର ଯତ୍ନ କିପରି ନିଏ ? ୩୯

◆◆◆◆

Digitized by PPRACHIN, SOA

●●●

ପୃଥିବୀ ପୃଷ୍ଠରେ ବିଭିନ୍ନ ପ୍ରକାରର ଗଛ,ଜୀବଜନ୍ତୁ ଓ ମଣିଷ ଦେଖାଯାନ୍ତି । ଏପରି ବୈଷ୍ୟମର କାରଣ କ'ଣ ? ସାଧାରଣତଃ ସ୍ଥାନୀୟ ଜଳବାୟୁ ,ଖାଦ୍ୟ ମିଳିବା ଅନୁସାରେ ଏହାର ପାର୍ଥକ୍ୟ ଦେଖାଯାଏ । ଅତି ଥଣ୍ଡା ଓ ଅତି ଗରମ ଜଳବାୟୁରେ ବାସ କରିବା ପାଇଁ ପ୍ରକୃତି ସେମାନଙ୍କ ଶରୀରରେ କେତେଗୁଡିଏ ପରିବର୍ତ୍ତନ କରିଥାଏ । ତମେମାନେ ଖରାଦିନେ ଓ ଶୀତଦିନେ ବେଙ୍ଗ ଡ଼େଉଁଥିବାର ଦେଖିଛ କି ? ବେଙ୍ଗ ନିଜ ଶରୀରର ଉତ୍ତାପ ଜଳବାୟୁ ପରିବର୍ତ୍ତନ ଅନୁସାରେ ନିୟନ୍ତ୍ରଣ କରିପାରେ ନାହିଁ। ତେଣୁ ସେ ଅତ୍ୟଧିକ ଖରା ଓ ଥଣ୍ଡା ସମୟରେ ଯେ କୌଣସି ଗୋଟିଏ ସୁବିଧା ସ୍ଥାନରେ ଲୁଚି ରହେ ଏବଂ ବର୍ଷା ହେଲେ ବାହାରକୁ ଆସେ । ଅନ୍ୟାନ୍ୟ କେତେକ ଜନ୍ତୁଙ୍କ ପ୍ରକୃତି ମଧ୍ୟ ଏହିପରି ଅଛି । ଯେଉଁ ଜନ୍ତୁମାନେ ଅତ୍ୟଧିକ ଗରମ ସ୍ଥାନ,ଯଥା ମରୁଭୂମିରେ ବାସ କରନ୍ତି,ସେମାନଙ୍କ ଶରୀର ଗଠନ ଭିନ୍ନ ପ୍ରକାରର ହୋଇଥାଏ ।

ମରୁଭୂମିରେ ଦିନରେ ପ୍ରଚଣ୍ଡ ଗରମ ଓ ରାତିରେ ବହୁତ ଥଣ୍ଡା ହୁଏ । ଆମର ଧାରଣା ଯେ ଏଠାରେ ଗଛ,ଜୀବଜନ୍ତୁ ବିଶେଷ ନଥାନ୍ତି । ଏହି ଧାରଣା ଠିକ୍ ନୁହେଁ । ସମସ୍ତେ ସିଜୁ ଗଛ ଦେଖିଥିବେ । ଏହା ମରୁଭୂମିର ଗଛ । ଏହି ଗଛର ବିଶେଷତ୍ୱ ହେଉଛି ଯେ ତାହାର ପତ୍ର ଅନ୍ୟାନ୍ୟ ଗଛର ପତ୍ର ଅପେକ୍ଷା ମୋଟା ଯାହା ଫଳରେ କି ସେହି ଗଛକୁ ପାଣି ବିଶେଷ ଦରକାର ହୁଏନାହିଁ । ସେହିପରି ବିଭିନ୍ନ ଜନ୍ତୁ ନିଜର ଆକୃତି ଓ ପ୍ରକୃତି ପରିବର୍ତ୍ତନ କରି ମରୁଭୂମିରେ ସ୍ୱଚ୍ଛନ୍ଦରେ ବାସ କରନ୍ତି ।

ବର୍ତ୍ତମାନ ଆସନ୍ତୁ ସେହିପରି କିଛି ମରୁଭୂମିରେ ବାସ କରୁଥିବା ଜନ୍ତୁମାନଙ୍କ ବିଷୟରେ ଆଲୋଚନା କରିବା ।

ମରୁଭୂମିରେ ବାସ କରୁଥିବା କିଛି ଜନ୍ତୁ :

ଓଟ,ଏମୁ ପକ୍ଷୀ,ଓଟ ପକ୍ଷୀ,ଜ୍ୟାକ୍ ଠେକୁଆ,ପ୍ୟାକ୍ ମୂଷା, ଗିଲା ଝିଟିପିଟି, ସେଡ୍‌ଫୁଟ୍ ବେଙ୍ଗ,ଡାର୍କଲିଙ୍ଗ ବିଟଲ୍ ,କଙ୍ଗାରୁ ପରି ଦେଖାଯାଉଥିବା ମୂଷା,ଗୋଲଡେନ୍ ମୋଲ୍,ବିଆର୍ଡେଡ୍ ଲିଜାର୍ଡ , ପଙ୍ଗପାଳ ,ରାଟଲ୍ ସାପ,କାରକାଲ୍ ବିଲେଇ ,ସବୁଜ ବେଙ୍ଗ,ଗେକୋ ଝିଟିପିଟି , ଚୁକୱାଲା ଲିଜାର୍ଡ,କିଙ୍ଗ ସ୍ନେକ୍,ଡୋମିନୋ ବିଟଲ, ଗେରବିଲ୍ ଲିଜାର୍ଡ ,ହଗ୍‌ନୋସ୍ ସାପ,ଫ୍ରିଞ୍ଜଲଡ୍ ଲିଜାର୍ଡ , କୃଷ୍ଣସାର ମୃଗ,ମିରକଟ୍,ଏଲଫ୍ ପେଚା, ରୋଡ୍ ରନର ପକ୍ଷୀ,ରେନ୍ ପକ୍ଷୀ,ହନିପଟ୍ ପିମ୍ପୁଡି,ଜୁଏଲ୍ ବିରୁଡି ଇତ୍ୟାଦି ।

Digitized by PPRACHIN, SOA

ମରୁଭୂମିରେ ବାସ କରୁଥିବା ଜନ୍ତୁ ନିଜକୁ କିପରି ଥଣ୍ଡା ରଖନ୍ତି ?

ମରୁଭୂମିର ଜନ୍ତୁ ଦିନବେଳା ଅତ୍ୟଧିକ ଗରମ ହେଉଥିବାରୁ ଛାଇରେ କିମ୍ବା ଗାତ ଭିତରେ ବିଶ୍ରାମ କରନ୍ତି ଏବଂ ସଂଧ୍ୟାବେଳେ ବାହାରକୁ ଆସି ଖାଦ୍ୟ ସଂଗ୍ରହ କରନ୍ତି । ସେମାନେ ହେଉଛନ୍ତି ସାପ,ଝିଟିପିଟି ଜାତୀୟ ଜୀବ ,କଙ୍କଡ଼,ବିଭିନ୍ନ ପ୍ରକାର ମୂଷା ଏବଂ ଅନ୍ୟ ସ୍ତନ୍ୟପାୟୀ ପ୍ରାଣୀ ।

କେତେକ ମରୁଭୂମିରେ ବାସ କରୁଥିବା ଜନ୍ତୁଙ୍କର କାହିଁକି ବଡ଼ କାନ ଥାଏ ?

ସାହାରା ମରୁଭୂମିର ଫେନେକ୍ କୋକିଶିଆଳୀ ,ଆମେରିକା ମରୁଭୂମିର କିଟ୍ କୋକିଶିଆଳୀ ଏବଂ ହେଜ୍ ହଗ୍ - ଏମାନଙ୍କର ମୁନିଆ,ଚଉଡା ବଡ଼ କାନ ଥାଏ । ସେମାନଙ୍କ କାନରେ ଅଧିକ ରକ୍ତ ସଂଚାଳନ ହୋଇଥାଏ ଯାହାଫଳରେ କି ତାଙ୍କ ଶରୀରର ଉତ୍ତାପ କାନର ରକ୍ତନଳୀରୁ ପବନକୁ ଚାଲିଯାଇ ଶରୀରକୁ ଥଣ୍ଡା କରିଥାଏ ।

ମରୁଭୂମିର କେଉଁ ଜନ୍ତୁ ସୂର୍ଯ୍ୟକିରଣରୁ ରକ୍ଷା ପାଇବା ପାଇଁ ନିଜ ଲାଞ୍ଜକୁ ଛତା ପରି ବ୍ୟବହାର କରିଥାଏ ?

ଆମେ ଜାଣିଛୁ ଯେ ଖରାଦିନେ ଛତା ବ୍ୟବହାର କଲେ ଖରାରୁ ରକ୍ଷା ମିଳେ । ଦକ୍ଷିଣ ଆଫ୍ରିକା ଓ ଆମେରିକାର ବାଲିରେ ରହୁଥିବା ଗୁଣ୍ଡୁଚି ମୂଷାର ଲାଞ୍ଜ ମୋଟା ଓ ଗୋଛାକିଆ । ଖରାରେ ଖାଦ୍ୟ ସଂଗ୍ରହ କରିଲାବେଳେ ଏହି ମୂଷା ନିଜ ଲାଞ୍ଜ ଏପରି ଫୁଲାଇ ବଙ୍କାଇ ରଖେ ଯେ,ତାହା ଛତା ପରି ମୁଣ୍ଡ ଓ ଦେହକୁ ଛାଇ କରେ ।

Digitized by PPRACHIN, SOA

ମରୁଭୂମିର (୧୧) ଜୀବଜନ୍ତୁ

ନିଜ ଦେହର ଉତ୍ତାପ ନିୟନ୍ତ୍ରଣ କରିପାରୁନଥିବା ଜୀବଜନ୍ତୁ ମରୁଭୂମିର ପ୍ରଚଣ୍ଡ ଉତ୍ତାପରେ ବାସ କିପରି କରନ୍ତି ?

ସାପ,ଝିଟିପିଟି ଏବଂ ବିଭିନ୍ନ ପ୍ରକାରର ସରୀସୃପ ମରୁଭୂମିରେ ସ୍ୱଚ୍ଛନ୍ଦରେ ବାସ କରନ୍ତି । ସେମାନଙ୍କ ଶରୀରରେ ଉତ୍ତାପ ନିୟନ୍ତ୍ରଣ କରିପାରିବା ଶକ୍ତି ନଥାଏ । ସେମାନେ ବିଭିନ୍ନ ପଦ୍ଧତିରେ ନିଜ ଦେହକୁ ଥଣ୍ଡା ରଖନ୍ତି , ଯଥା: ଏପାଖ ସେପାଖ କଡ଼ ଲେଉଟାଇ ପବନ ଆହରଣ କରି ଦେହ ଥଣ୍ଡା କରନ୍ତି । ମରୁଭୂମିର ଝିଟିପିଟି ସକାଳୁ ଖରାରେ ଶୁଏ,ବେଶୀ ଗରମ ହେଲେ ଛାଇ ସ୍ଥାନକୁ ଚାଲିଯାଏ । ପୁଣି ଉପରଓଳି ଖରା ତେଜ କମିଗଲେ ଖରାରେ ଶୁଏ । ଏହି ଉତ୍ତାପ ଦ୍ୱାରା ରାତିର ଥଣ୍ଡା ସମ୍ଭାଳି ପାରେ ।

ମରୁଭୂମି କ'ଣ ସବୁବେଳେ ଗରମ ଥାଏ ?

ରାତିରେ ମରୁଭୂମିରେ ବହୁତ ଥଣ୍ଡା ହୁଏ । ଏହାଛଡ଼ା ଏସିଆ ମହାଦେଶରେ ମଧ୍ୟ ଏପରି କିଛି ମରୁଭୂମି ଅଛି ଯେଉଁଠାରେ କି ଦିନରେ ମଧ୍ୟ ବହୁତ ଥଣ୍ଡା ଲାଗେ । ତେଣୁ ମରୁଭୂମିର ଜନ୍ତୁମାନେ ଦିନର ଅଧିକ ଗରମ ଓ ରାତିର ଥଣ୍ଡା ସହି ପାରନ୍ତି । ମଙ୍ଗୋଲିଆର ବାଙ୍ଗରା ହାମ୍‌ଷ୍ଟାର୍ ଦେହରେ ବହଳ ରୋମ ଥିବାରୁ ରାତିର ଥଣ୍ଡା ସହ୍ୟ କରିପାରେ । ବ୍ୟାକ୍ଟ୍ରିଆନ୍ ଓଟ ଦେହରେ ଶୀତ ଦିନେ ବହଳ ଲୋମ ହୁଏ ଏବଂ ଖରାଦିନ ଆସିଲେ ଲୋମ ପତଳା ହୋଇଯାଏ ।

ମରୁଭୂମିରେ ବାସ କରୁଥିବା ଜନ୍ତୁ ଅଧିକ ସମୟ ଶୁଅନ୍ତି କି?

ମରୁଭୂମିର କଇଁଚ ଗରମରୁ ରକ୍ଷା ପାଇବା ପାଇଁ ଖରାଦିନେ ଥଣ୍ଡା ସ୍ଥାନରେ ଶୋଇରହେ । ମଙ୍ଗୋଲ ମରୁଭୂମିର ଜୁମ ଥିବା ସୋସଲିକ୍ ଜନ୍ତୁ ଖରା ଓ ଶୀତଦିନେ ସୁବିଧା ସ୍ଥାନରେ ଶୋଇ ରହେ ।

ମରୁଭୂମିରେ ବାସ କରୁଥିବା ଜନ୍ତୁ କେତେବେଳେ ଶୀକାର କରନ୍ତି ?

ଦିନରେ ପାଗ ବହୁତ ଗରମ ଥିବାରୁ ଜନ୍ତୁମାନେ ଶୀକାର କରିପାରନ୍ତି ନାହିଁ । ସେମାନେ ଗାତ ଭିତରେ ରହନ୍ତି । ରାତିର ଥଣ୍ଡା ପାଗରେ ଶୀକାର କରନ୍ତି ।

ମରୁଭୂମିର ଜନ୍ତୁମାନେ କ'ଣ ପିଅନ୍ତି ?

ମରୁଭୂମିରେ ପାଣିର ବହୁତ ଅଭାବ । ଏଠାରେ ମାସ ମାସ ପର୍ଯ୍ୟନ୍ତ ବର୍ଷା

Digitized by PPRACHIN, SOA

ହୁଏନାହିଁ । ସେଠାରେ ବାସ କରୁଥିବା ଜନ୍ତୁମାନେ ଅଳ୍ପ ପାଣି ପିଇ ବହୁତ ଦିନ ବଞ୍ଚିପାରନ୍ତି । ଆଡ୍‌ଡାକ୍ସ କୃଷ୍ଣସାର ମୃଗ ଅତ୍ୟନ୍ତ କମ୍ ପାଣି ପିଅନ୍ତି । ସେମାନେ ପାଣି ସ୍ଥାନରେ ଥିବା ଘାସ ଖାଇ ସେଥିରୁ ପାଣି ପାଇପାରନ୍ତି ।

କିଏ ବିଷାକ୍ତ ସିଜୁ ଗଛର ରସ ପିଏ ?

ଅଳ୍ପ ପାଣି ପିଇବା ଆଶ୍ଚର୍ଯ୍ୟ କଥା ନୁହେଁ । କିନ୍ତୁ ବିଷାକ୍ତ ସିଜୁ ଗଛର ରସ ପାଣି ପରିବର୍ତ୍ତେ ପିଇ ବଞ୍ଚିବା ନିଶ୍ଚୟ ଏକ ଆଶ୍ଚର୍ଯ୍ୟଜନକ ଘଟଣା । ଆମେରିକା ମରୁଭୂମିର ପ୍ୟାକ୍ ମୂଷା ସାଗୁରୋ ସିଜୁ ଗଛର ଫଳ ଓ ଗଛର ମୋଟା ଅଂଶ ଖାଆନ୍ତି । ଏଥିରୁ ସେମାନେ ଯଥେଷ୍ଟ ପାଣି ପାଇପାରନ୍ତି । ସିଜୁ ଗଛ ରସରେ ଏକ ପ୍ରକାର ବିଷାକ୍ତ ପଦାର୍ଥ ଥିବାରୁ ତାହାକୁ ଅନ୍ୟ ଜନ୍ତୁମାନେ ଖାଇପାରନ୍ତିନାହିଁ । ପ୍ୟାକ୍ ମୂଷାର ଏହା ଖାଇବାରେ ଅସୁବିଧା ହୁଏନାହିଁ କାରଣ ତାହାର ପାକସ୍ଥଳୀରେ ବିଷ ହଜମ ହୋଇଯାଏ ।

କିଏ ଲାଙ୍ଗୁଡ଼ରେ ଖାଦ୍ୟ ସଂଚୟ କରି ରଖେ ?

ଆମେରିକାର କାଲିଫର୍ଣ୍ଣିଆ ମରୁଭୂମିର ଗିଲା (ଏକ ପ୍ରକାର ଝିଟିପିଟି) ର ଲାଞ୍ଜରେ ଚର୍ବି ଜମା ହୋଇ ରହିଥାଏ । ଖରାଦିନେ ଯେତେବେଳେ ଖାଦ୍ୟର ଅଭାବ ହୁଏ ସେତେବେଳେ ତା ଲାଞ୍ଜରେ ଥିବା ଚର୍ବିରୁ ସେ ଖାଦ୍ୟ ପାଏ ।

ଖରାରେ ଓଟ ମାନଙ୍କର ଚର୍ମ କାହିଁକି ପୋଡିଯାଏ ନାହିଁ ?

ମରୁଭୂମିର ପ୍ରଚଣ୍ଡ ଖରାରେ ଯିବାଆସିବା କରିବାପାଇଁ ଓଟର ଶରୀର ସ୍ୱତନ୍ତ୍ର ଭାବରେ ଗଠନ ହୋଇଥାଏ । ମୁଣ୍ଡ,ବେକ ଓ ପିଠିରେ ଟାଣୁଆ ବାଳ ଥିବାରୁ ପ୍ରଖର ସୂର୍ଯ୍ୟକିରଣ ଚର୍ମର କ୍ଷତି କରିପାରେନାହିଁ ।

Digitized by PPRACHIN, SOA

କିଏ ମାଟିତଳେ ଦଶମାସ ରହେ ?

ବିଭିନ୍ନ ପ୍ରକାର ବେଙ୍ଗ ପାଣିରେ ରହନ୍ତି । ଆମେରିକା ମରୁଭୂମିରେ ସ୍ପେଡ୍ ଫୁଟ୍ ନାମକ ବେଙ୍ଗ ଦଶମାସ ମାଟି ତଳେ ରହେ । ବର୍ଷା ହେଲେ ଅଳ୍ପ ସମୟ ପାଇଁ ବାହାରକୁ ଆସେ ।

ମରୁଭୂମିର କେଉଁ ଜନ୍ତୁ ସବୁଠାରୁ ବେଶୀ ପାଣି ପିଇପାରେ ?

ଓଟକୁ ମରୁଭୂମିର ଜାହାଜ କହନ୍ତି । ଓଟ ଗରମ ଓ ଖରାରେ ପାଣି ନପିଇ ସ୍ୱଚ୍ଛନ୍ଦରେ ଚାଲିପାରେ । ସେମାନେ ଦିନିଦିନ ଧରି ପାଣି ନପିଇ ରହିପାରନ୍ତି । ଯେଉଁ ସ୍ଥାନରେ ପାଣି ମିଳେ,ଓଟ ସେଠାରେ ପାଣି ପିଇ ଶରୀରରେ ଭବିଷ୍ୟତ ପାଇଁ ସଂଚୟ କରେ । ଅଳ୍ପ କେତେ ମିନିଟ୍ ମଧ୍ୟରେ ସେ ଶହେ ଲିଟର ପାଣି ପିଇପାରେ ।

କିଏ ମୁଣ୍ଡରେ ଠିଆ ହୋଇ କୁହୁଡି ପିଏ ?

ମରୁଭୂମିରେ ବାସ କରୁଥିବା କେତେକ ଜନ୍ତୁ ଅଭିନବ ଉପାୟରେ ପାଣି ସଂଗ୍ରହ କରନ୍ତି । ଦକ୍ଷିଣ ପଶ୍ଚିମ ଆଫ୍ରିକା ନାମିବ୍ ମରୁଭୂମିରେ ଡାର୍କଲିଙ୍ଗ ବିଟଲ (ଏକ ପ୍ରକାର ପୋକ) ବାସକରେ । ଏହି ମରୁଭୂମି ସମୁଦ୍ର କୂଳକୁ ଲାଗିଥିବାରୁ ଅନେକ ସମୟରେ କୁହୁଡି ହୁଏ । ସେ ସମୟରେ ପୋକଟି ଗାତରୁ ବାହାରି ମୁଣ୍ଡ ତଳକୁ ଓ ପଛ ପାଖ ଉପରକୁ ଟେକି ରଖି ବସେ । କୁହୁଡିରୁ ପାଣି ପିଠି ଉପରେ ପଡ଼ି ମୁହଁ ଆଡକୁ ଗଡି ଆସିଲେ ସେହି ପାଣି ପିଏ ।

କାକର କାହିଁକି ଡେଭିଲ୍ (ଏକ ପ୍ରକାର ଝିଟିପିଟି) ର ସବୁଠାରୁ ପ୍ରିୟ ପାନୀୟ ?

ଆମେରିକା ମରୁଭୂମିର ଥର୍ଣ୍ଣି ଡେଭିଲ୍ ନାମକ ଝିଟିପିଟି ଦେହରେ ମୋଟା କଣ୍ଟା ସବୁ ଥାଏ । ତେଣୁ କୌଣସି ଜନ୍ତୁ ତାହାକୁ ଆକ୍ରମଣ କରିପାରନ୍ତି ନାହିଁ । ରାତିରେ ଥଣ୍ଡା ହେଲେ ପବନରୁ ଜଳୀୟ ବାଷ୍ପ ଜଳରେ ପରିଣତ ହୋଇ କାକର ଆକାରରେ ଝିଟିପିଟି ପିଠି ଉପରେ ପଡି ବୋହିଆସିଲେ ସେ ସେହି ପାଣି ପିଏ ।

କେଉଁ ବେଙ୍ଗ ନିଜେ ନିଜର ପାଣିମୁଣା ?

ଅଷ୍ଟ୍ରେଲିଆ ମରୁଭୂମିରେ ଏ ପ୍ରକାର ବେଙ୍ଗ ସାଧାରଣତଃ ପାଣି ଥିବା ସ୍ଥାନରେ

Digitized by PPRACHIN, SOA

ରହନ୍ତି । ଖରାଦିନ ଆସିବା ପୂର୍ବରୁ ବେଙ୍ଗ ନିଜ ଚର୍ମ ତଳେ ପାଣି ସାଇତି ରଖେ । ବେଙ୍ଗ ଦେହ ଫୁଲିଯାଇ ପାଣି ଥଳି ଭଳି ଦେଖାଯାଏ । ତାହାପରେ ସେ କାଦୁଅ ଭିତରେ ଗାତ ଖୋଳି ଖରାଦିନେ ତାହା ଭିତରେ ଲୁଚି ରହେ । ବର୍ଷା ହେଲେ ବାହାରକୁ ଆସେ ।

କେତେବେଳେ ମୂଷା କଙ୍ଗାରୁ ଭଳି ଡେଇଁ ଡେଇଁ ଚାଲେ ?

ଏହା ଉତ୍ତର ଆମେରିକା ମରୁଭୂମିରେ ବାସ କରେ । ଏହାର ପଛଗୋଡ ଦୁଇଟି କଙ୍ଗାରୁ ଗୋଡ ପରି ଲମ୍ବ ଓ ଶକ୍ତିଶାଳୀ । ସେମାନେ ଜୋରରେ ଡେଇଁ ଡେଇଁ ଚାଲିଲାବେଳେ ପାଦ ବହୁତ କମ୍ ସମୟ ପାଇଁ ଗରମ ବାଲି ସଂସ୍ପର୍ଶରେ ଆସେ । ସେଥିପାଇଁ ସେମାନେ ଦୌଡିଲା ବେଳେ କଙ୍ଗାରୁ ପରି ଦେଖାଯାନ୍ତି ।

କେଉଁ ସୁନେଲି ସ୍ତନ୍ୟପାୟୀ ଜନ୍ତୁ ବାଲିରେ ପହଁରିପାରେ ?

ଦକ୍ଷିଣ ଆଫ୍ରିକାର ସୁନେଲି ମୋଲ୍ ନାମକ ଜନ୍ତୁର ଆଗ ଗୋଡରେ ବଡ଼ ଚଉଡା ନଖ ଥାଏ । ଏହାଦ୍ୱାରା ସେ ମାଟି ଖୋଳି ଗାତ ତିଆରି କରେ । ଜଣେ ସନ୍ତରଣକାରୀ ପରି ଏହା ପେଟେଇ ପେଟେଇ ଗୋଡରେ ଆଗକୁ ଆଗକୁ ମାଟି ଖୋଳେ । ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ ଏହା ସତ୍ୟ ଯେ ଏହି ମୂଷା ଗୋଟିଏ ରାତିରେ ପ୍ରାୟ ଚାରି କିଲୋମିଟର ପର୍ଯ୍ୟନ୍ତ ଲମ୍ବ ସୁଡଙ୍ଗ ଖୋଳିପାରେ ।

Digitized by PPRACHIN, SOA

କେଉଁ ଝିଟିପିଟି ପାଦ ଥଣ୍ଡା ରଖିବା ପାଇଁ ନାଚେ ?

ଆମେ ଜାଣୁ ଯେ ଅଧିକାଂଶ ଝିଟିପିଟି ଜାତୀୟ ପ୍ରାଣୀ ଚାରିଗୋଡରେ ପେଟେଇ ପେଟେଇ ଚାଲନ୍ତି । କିନ୍ତୁ ଅଷ୍ଟ୍ରେଲିଆ ମରୁଭୂମିର ବିଆର୍ଡେଡ୍ ଲିଜାର୍ଡ ବା ଦାଢ଼ିଆ ଝିଟିପିଟି ପଛ ଗୋଡ ସାହାଯ୍ୟରେ ତେଇଁ ତେଇଁ ଚାଲେ । ଏହାଦ୍ୱାରା ତା ଦେହରେ ମରୁଭୂମିର ଗରମ ବାଲି ଲାଗେ ନାହିଁ। ତା ଛଡା ମଝିରେ ମଝିରେ ସେ ଗୋଟିଏ ଗୋଡରେ ଠିଆ ହୋଇ ଅନ୍ୟ ପାଦଟି ଥଣ୍ଡା କରେ ଏବଂ ପୁଣି କିଛି ବାଟ ଗଲାପରେ ଥଣ୍ଡା ହୋଇଥିବା ଗୋଡରେ ଠିଆ ହୋଇ ଅନ୍ୟ ଗୋଡଟି ଥଣ୍ଡା କରେ ଯାହାଫଳରେ କି ସେ ନାଚିଲା ଭଳିଆ ଦେଖାଯାଏ ।

ମରୁଭୂମିରେ କେଉଁ ଜନ୍ତୁ ଚାଲିଲାବେଳେ ଯୋତା ପିନ୍ଧିଲାଭଳି ଦେଖାଯାଏ ?

କେତେକ ଜନ୍ତୁଙ୍କ ପାଦ ଏପରି ଭାବରେ ତିଆରି ହୋଇଥାଏ ଯେ ସେମାନେ ସ୍ୱଚ୍ଛନ୍ଦରେ ବାଲି ଉପରେ ଚାଲିପାରନ୍ତି । ଉଦାହରଣ ସ୍ୱରୂପ ଓଟ । ଯେହେତୁ ଓଟର ପାଦ ବହୁତ ଚଉଡା ତେଣୁ ସେ ଚାଲିଲାବେଳେ ଏପରି ଲାଗେ ଯେ ସତେ ଯେପରି ସେ ଯୋତା ପିନ୍ଧି ଆରାମରେ ବାଲିରେ ଚାଲୁଛି ।

କେଉଁ ଝିଟିପିଟି ମାଛ ପରି ଚାଲେ ?

ଆଫ୍ରିକାର ସ୍ୟାଣ୍ଡ ଫିସ୍ ନାମକ ବାଲି ଝିଟିପିଟିର ଦେହ ଇଲ୍ ମାଛ ପରି ସରୁ ଓ ନରମ । ସେମାନେ ବାଲି ଉପରେ ଶରୀର ଭରା ଦେଇ ବଙ୍କେଇ ବଙ୍କେଇ ଏପରି ଚାଲନ୍ତି ଯେ ,ଜଣାପଡ଼େ ସତେଯେପରି ସେମାନେ ବାଲି ଉପରେ ପହଁରୁଛନ୍ତି । ପାଦ କଡ଼ରେ ମାଛ କାତି ପରି ମୋଟା କାତି ଥିବାରୁ ତାଙ୍କୁ ଦଉଡିବାରେ ସୁବିଧା ହୁଏ ।

ମରୁଭୂମିର କେଉଁ ପକ୍ଷୀ ସବୁଠାରୁ ଶୀଘ୍ର ଦଉଡିପାରେ ?

ସବୁ ପକ୍ଷୀ ଉଡ଼ନ୍ତି ନାହିଁ । ଓଟ ପକ୍ଷୀ ଆଫ୍ରିକାର ଶୁଖିଲା ଘାସ ଥିବା ସ୍ଥାନରେ ବାସ କରେ । ସେମାନଙ୍କୁ ପକ୍ଷୀ କୁହାଯାଏ କିନ୍ତୁ ସେମାନେ ଉଡିପାରନ୍ତି ନାହିଁ । ତାଙ୍କର ଗୋଡ ଲମ୍ବ ଓ ଶକ୍ତ ହୋଇଥିବାରୁ ସେମାନେ ଘଣ୍ଟାରେ ୭୨ କି.ମି.ବେଗରେ ଦଉଡିପାରନ୍ତି । ସେମାନେ ପୃଥିବୀରେ ସବୁଠାରୁ ଶୀଘ୍ର ଦଉଡିପାରିବା ଦୁଇଗୋଡିଆ ଜନ୍ତୁ ।

Digitized by PPRACHIN, SOA

କେଉଁ ପତଙ୍ଗ ଡେଇଁ ପାରେ ଏବଂ ଉଡିପାରେ ?

ପଙ୍ଗପାଳମାନେ ମରୁଭୂମିରେ ରହନ୍ତି। ସେମାନେ ବିଭିନ୍ନ ସ୍ଥାନକୁ ଯାଇ ଗଛର ପତ୍ର ଓ ବିଭିନ୍ନ ପ୍ରକାରର ଶସ୍ୟ ଖାଇଥାଆନ୍ତି । ବଡ଼ ପଙ୍ଗପାଳମାନଙ୍କ ଗୋଡ ଶକ୍ତ ମାଂସପେଶୀରେ ଗଠିତ ତେଣୁ ସେମାନେ ବହୁତ ଉଚ୍ଚକୁ ଡେଇଁପାରନ୍ତି ଏବଂ ଉଡି ମଧ୍ୟ ପାରନ୍ତି କିନ୍ତୁ ସାନ ପଙ୍ଗପାଳମାନଙ୍କର ଡ଼େଣା ନଥିବାରୁ ସେମାନେ ଉଡି ପାରନ୍ତି ନାହିଁ କିନ୍ତୁ ଡେଇଁ ଡେଇଁ ଶୀଘ୍ର ଅନେକ ବାଟ ଯାଇପାରନ୍ତି । ତାହା ନାଚିବା ପରି ମଧ୍ୟ ଦେଖାଯାଏ ।

ମରୁଭୂମିର କେଉଁ ଜନ୍ତୁଙ୍କର ପରଦାଯୁକ୍ତ ପାଦ ଥାଏ ?

ଦକ୍ଷିଣ ଆଫ୍ରିକାର ନାମିବ୍ ମରୁଭୂମିରେ ପରଦାଯୁକ୍ତ ଗୋଡ ଥିବା ଝିକୋ ନାମକ ଏକ ପ୍ରକାର ଜନ୍ତୁ ବାସ କରେ । ତାହାରପରଦାଯୁକ୍ତ ଗୋଡ ଥିବାରୁ ସେ ସରୁବାଲିରେ ମଧ୍ୟ ଭଲ ଭାବରେ ଚାଲିପାରେ ।

କେଉଁ ସାପ ଶବ୍ଦ କରି ସମସ୍ତଙ୍କୁ ସାବଧାନ କରିଦିଏ ?

ମରୁଭୂମିରେ ବାସ କରୁଥିବା ରାଟଲ୍ ସାପର ଲାଞ୍ଜରେ ମୋଟା କାତି ଥାଏ ଯାହାକି ସାପ ଚାଲିବା ବେଳେ ତାହା ଖଡ ଖଡ ଶବ୍ଦ ହୁଏ । ସେହି ଶବ୍ଦ ଶୁଣି ଶୁଣି ଶତ୍ରୁ ମାନେ ପଳାଇଯାଆନ୍ତି ।

କଇଁଚ କିପରି ଚାଲେ ?

କଇଁଚ ମାନେ ଆସ୍ତେ ଆସ୍ତେ ଚାଲନ୍ତି । ତାଙ୍କର ଛୋଟ ଗୋଡରେ ଲମ୍ବା ଲମ୍ବା

Digitized by PPRACHIN, SOA

ମୁନିଆ ନଖ ଥାଏ ଯାହା ସାହାଯ୍ୟରେ କି ସେ ପଥର ଉପରେ ମଧ ଆରାମରେ ଚାଲିପାରେ ଏବଂ ଗାତ ମଧ ଖୋଳିପାରେ ।

ଶତ୍ରୁ ଆକ୍ରମଣରୁ ସ୍କାଂକ୍ ଜନ୍ତୁ କିପରି ନିଜକୁ ରକ୍ଷା କରେ ?

ମଣିଷ ନିଜର ବୁଦ୍ଧି ବଳରେ ଆଟମ୍ ବମ୍ବ ପରି ମାରଣାସ୍ତ୍ର ଶତ୍ରୁ ଆକ୍ରମଣର ମୁକାବିଲା କରିବା ପାଇଁ ରଖିଛି । ସେହିପରି ମରୁଭୂମିରେ ବାସକରୁଥିବା କେତେକ ଜନ୍ତୁ ଶତ୍ରୁ ପାଖରୁ ରକ୍ଷା ପାଇବା ପାଇଁ କେତେଗୁଡ଼ିଏ କୌଶଳ ଅବଲମ୍ବନ କରନ୍ତି । ଯେପରିକି ସ୍କାଂକ୍ ଜନ୍ତୁ । ସ୍କାଂକ୍ ଜନ୍ତୁ ସାଧାରଣତଃ ଉତ୍ତର ଆମେରିକାର ମରୁଭୂମିରେ ବାସ କରେ । ସେ ହାତରେ ଭରାଦେଇ ଶରୀର ଉପରକୁ ରଖି ଏପରି ଠିଆହୋଇଥାଏ ଯେପରିକି ସର୍କସ ଖେଳ ଦେଖାଉଛି । କିନ୍ତୁ ପ୍ରକୃତରେ ସେ ଶତ୍ରୁ ପ୍ରତି ସାବଧାନ ହେବା ପାଇଁ ସେପରି ମୁଦ୍ରାରେ ଠିଆହୋଇଥାଏ । ଦରକାର ପଡ଼ିଲେ ତାର ଲାଞ୍ଜରେ ଥିବା ଗ୍ରନ୍ଥିରୁ ଏକପ୍ରକାର ଗନ୍ଧଯୁକ୍ତ ତରଳ ପଦାର୍ଥ ବାହାରକରି ଶତ୍ରୁ ଉପରେ ନିକ୍ଷେପ କରେ ଯାହାକି ବହୁତ ମାରାତ୍ମକ ଅଟେ । ସେହି ଡ଼ରରେ କୌଣସି ଜନ୍ତୁ ତାର ପାଖ ପଶନ୍ତି ନାହିଁ ।

କେଉଁ ସାପ ଶବ୍ଦ କରି ସମସ୍ତଙ୍କୁ ସାବଧାନ କରିଦିଏ ?

ମରୁଭୂମିରେ ବାସ କରୁଥିବା ରାଟଲ୍ ସାପର ଲାଞ୍ଜରେ ମୋଟା କାତି ଥାଏ ଯାହାକି ସାପ ଚାଲିବା ବେଳେ ତାହା ଖଡ ଖଡ ଶବ୍ଦ ହୁଏ । ସେହି ଶବ୍ଦ ଶୁଣୁ ଶୁଣୁ ଶତ୍ରୁ ମାନେ ପଳାଇଯାଆନ୍ତି ।

ମରୁଭୂମିର ପହିଲମାନ ଜନ୍ତୁ କିଏ ?

ଆମକୁ ଯଦି ଦାରାସିଂ ପହିଲମାନ ଗୋଟିଏ ଥାପଡ଼ ମାରନ୍ତି, ଆମ ଅବସ୍ଥା କ'ଣ ହେବ ? ଆଫ୍ରିକା ଓ ଏସିଆ ମହାଦେଶରେ ଥିବା କାରକାଲ ବିଲେଇ ତାହାର ବଡ଼ ବଡ଼ ପାଦ ପଞ୍ଝାରେ ଅନ୍ୟ ଜନ୍ତୁକୁ ଏତେ ଜୋରରେ ମାରେ ଯେ ସେ ତଳେ ପଡ଼ିଯାଏ । କାରକାଲ ବିଲେଇ ତାର ମୁନିଆ ଦାନ୍ତ ସାହାଯ୍ୟରେ ଜନ୍ତୁକୁ ଖଣ୍ଡ ଖଣ୍ଡ କରି ଖାଇଦିଏ ।

ମରୁଭୂମିର କେଉଁ ପକ୍ଷୀ ଆତ୍ମ ରକ୍ଷା ପାଇଁ ଅସ୍ତ୍ରରେ ସଜ୍ଜିତ ଓ ବିପଦ ଜନକ ?

Digitized by PPRACHIN, SOA

ସାହାରା ମରୁଭୂମିର ଲେନାର୍ ଛଞ୍ଚାଣ ପକ୍ଷୀର ଟାଣୁଆ ପାଦରେ ମୁନିଆ ଓ

ଧାରୁଆ ନଖ ଏବଂ ତିକ୍ଷ୍ଣ ବଙ୍କାଳିଆ ଥଣ୍ଟ ଥାଏ । ଏଥିରେ ସେ ଅନ୍ୟ ଜନ୍ତୁଙ୍କ ଖୁମ୍ପି ମାସଂ ଛିଣ୍ଡାଇ ଆଣେ ।

ଗିଲା ଝିଟିପିଟିକୁ କାହିଁକି ସମସ୍ତେ ଡରନ୍ତି ?

ଉତ୍ତର ଆମେରିକାର ମରୁଭୂମିରେ ବାସ କରୁଥିବା ଗିଲା ଝିଟିପିଟି ଏକ ବିଷାକ୍ତ ଜନ୍ତୁ । ତାହାର ପାଟିର ଲାଳରେ ବିଷ ଥାଏ । ସେ ଜନ୍ତୁକୁ କାମୁଡ଼ି ଦେଲେ ଜନ୍ତୁ ମରିଯାଏ । ମଣିଷ ପାଇଁ ଏହି ବିଷ ମାରାତ୍ମକ ନୁହେଁ । କିନ୍ତୁ କାମୁଡ଼ିବା ସ୍ଥାନ ପୋଡ଼ାଜଳା କରେ ।

Digitized by PPRACHIN, SOA

କେଉଁ ବେଙ୍ଗ ପିଠିରେ ବିଷାକ୍ତ ଭାତୁଡ଼ି (wart) ଥାଏ ?

ପୂର୍ବ ଆଫ୍ରିକାର ସବୁଜ ବେଙ୍ଗମାନଙ୍କ ଆଖିପଛରେ ବିଷାକ୍ତ ଭାତୁଡ଼ି ଥାଏ । ଦେହ ସାରା ମଧ୍ୟ ଏହା ଥାଏ । କୌଣସି ଜନ୍ତୁ ବେଙ୍ଗ ଖାଇବାକୁ ଚେଷ୍ଟାକଲେ ଚର୍ମର ବିଷାକ୍ତ ରସ ପାଟିରେ ଲାଗିଲେ ସେ ବେଙ୍ଗକୁ ଛାଡ଼ିଦିଏ ।

ନିଜର ଜୀବନ ବଞ୍ଚାଇବା ପାଇଁ କିଏ ଲାଙ୍ଗୁଡ଼ ହରାଇଥାଏ ?

ଗେକୋର ନାମକ ଜନ୍ତୁର ଲାଙ୍ଗୁଡ଼ ଦୌଡ଼ିବା ପାଇଁ ସାହାଯ୍ୟ କରେ, କିନ୍ତୁ ଏହା ଶରୀର ପାଇଁ ବିଶେଷ ଆବଶ୍ୟକ ନୁହେଁ । କୌଣସି ପକ୍ଷୀ ଲାଙ୍ଗୁଡ଼ରୁ ଧରି ପକାଇଲେ ସେହି ଅଂଶଟି ଦେହରୁ ଅଲଗା ହୋଇଯାଏ ଓ ଗେକୋ ପଳାଇଯାଏ । ଲାଙ୍ଗୁଡ଼ର ମାଂସପେଶୀ ସଂକୋଚନ ଦ୍ୱାରା ରକ୍ତ ବାହାରିବା ବନ୍ଦ ହୋଇଯାଏ । ସେହି ସ୍ଥାନରେ ନୂତନ ଲାଙ୍ଗୁଡ଼ ବାହାରେ ।

କଙ୍ଗାରୁ ପରି ଦେଖାଯାଉଥିବା ମୂଷା କାହିଁକି ଡିଏଁ ?

ସାପ ଓ ବିଲୁଆ ପାଖରୁ ରକ୍ଷା ପାଇବା ପାଇଁ ତାଙ୍କ ଉପରକୁ ଗୋଡ଼ରେ ବାଲି ଫୋପାଡ଼େ ଓ ଡ଼େଇଁ ପଳାଇଯାଏ ।

କିଏ ପଥର ଫାଙ୍କରେ ନିଜକୁ ଚିପି ରଖିପାରେ ?

ପଶ୍ଚିମ ଆମେରିକା ମରୁଭୂମିରେ Chuckwalla lizard ବା ଏକପ୍ରକାର ଝିଟିପିଟି ଜାତୀୟ ଜନ୍ତୁ ରହନ୍ତି । ତାକୁ ମାରିବା ପାଇଁ କେହି ଗୋଡ଼ାଇଲେ ସେ ପଥର ସନ୍ଧିରେ ପଶିଯାଇ ନିଜ ଦେହକୁ ଏପରି ଫୁଲାଇ ଦିଏ ଯେ ତାକୁ ସେଠାରୁ ଟାଣି ବାହାର କରି ହୁଏ ନାହିଁ ।

Rattle snake ବା ସାପ ତାହାର ଖାଦ୍ୟ ମୂଷାକୁ କିପରି ମାରି ଖାଏ ?

ସାପ ପ୍ରଥମେ ମୂଷା ଦେହରେ ଚୋଟ ମାରେ । ମୂଷା ଡରରେ ଦୌଡ଼ି ପଳାଏ, କିନ୍ତୁ ସାପ ତାକୁ ଗୋଡ଼ାଏ ନାହିଁ । କିଛି ବାଟ ଗଲାପରେ ମୂଷା ବିଷ ପ୍ରଭାବରେ ତଳେ ପଡ଼ିଯାଏ । ସେହି ସମୟରେ ସାପ ତାକୁ ଗିଳି ଦିଏ ।

ଜେରୋବା ମୂଷା କାହିଁକି ସାପକୁ ଭୟ କରେ ?

ଆଫ୍ରିକା ଓ ଏସିଆ ମରୁଭୂମିର ଏକ ପ୍ରକାର ମୂଷା -ଜେରୋବା (Jeroba)

Digitized by PPRACHIN, SOA

ମାଟିରେ ଗାତ କରି ରହନ୍ତି । ଅଧିକାଂଶ ଜନ୍ତୁ ଗାତରେ ରହିବାରୁ ଶତ୍ରୁ ଠାରୁ ରକ୍ଷା ପାଇଥାନ୍ତି । କିନ୍ତୁ ସାପର ଶରୀର ସରୁ ଓ ଲମ୍ବା ହୋଇଥିବାରୁ ସେ ଗାତଭିତରେ ପଶି ଢେରୋବାକୁ ଖାଇଦିଏ ।

କେଉଁ ଜନ୍ତୁ ଖାଦ୍ୟ ପାଇଁ ଅନ୍ୟ ଜନ୍ତୁକୁ ଚିପି ମାରିଦିଏ ?

ଆମେରିକା ମରୁଭୂମିର ସାପ ରାଜା (king snake) ବିଷାକ୍ତ ନୁହେଁ । ସେ ତାହାର ଖାଦ୍ୟ, ଯଥା ମୂଷା ଦେହ ଚାରିପାଖରେ ଗୁଡ଼ାଇ ହୋଇ ଚିପି ଦେଲେ ନିଃଶ୍ୱାସ ପ୍ରଶ୍ୱାସ ନେଇନପାରି ମୂଷା ମରିଯାଏ ।

Rattle snakeର ବୟସ କିପରି ଜଣାପଡ଼େ ?

ଏହି ସାପ ଲାଙ୍ଗୁଡ଼ରେ କେତେଗୁଡିଏ ଗୋଲ ମୁଦି ପରି କାତି ଥାଏ ଯାହାକି ସାପ ଚାଲିଲା ବେଳେ ଖଡ଼ ଖଡ଼ ଶବ୍ଦ କରେ । ପ୍ରତିଥର ସାପ କାତି ଛାଡ଼ିଲା ବେଳେ ଗୋଟିଏ ମୋଟା କାତିର ମୁଦି ଲାଙ୍ଗୁଡ଼ରେ ରହିଯାଏ । ଏହି ମୁଦି ଗଣିଲେ ସାପ ବୟସ ଜଣାପଡ଼େ । ତେଣୁ ବେଶୀ ବୟସର ସାପ ଚାଲିଲା ବେଳେ ବେଶୀ ଶବ୍ଦ କରେ ।

କେଉଁ ଜନ୍ତୁ ସିଂହର ଖାଦ୍ୟ ଲୁଚାଇ ନେଇ ଖାଇଦିଏ ?

ବିଲୁଆ ଆଫ୍ରିକାର ମରୁଭୂମି ଓ ଘାସଥିବା ସ୍ଥାନରେ ରହେ । ସେମାନେ ଦଳବଦ୍ଧ ହୋଇ ଶୀକାର କରନ୍ତି । ସେମାନେ ସାଧାରଣତଃ ପକ୍ଷୀ, ସରୀସୃପ, ଫଳ ପ୍ରଭୃତି ଖାଆନ୍ତି । ସିଂହ ନିଜର ଖାଦ୍ୟ ପାଇଁ ଯେଉଁ ଜନ୍ତୁ ଶୀକାର କରେ ତା ଉପରେ ସବୁବେଳେ ବିଲୁଆର ଲୋଲୁପ ଦୃଷ୍ଟି ଥାଏ । ତେଣୁ ଯେତେବେଳେ ସିଂହ ତାର ଶୀକାରକୁ ଖାଇବା ଆରମ୍ଭ କରେ ସେତେବେଳେ ଗୋଟିଏ ବିଲୁଆ ସେଠାରେ ପହଞ୍ଚି ସିଂହକୁ ଭୁଲାଇ ଅନ୍ୟଆଡ଼କୁ ନେଇଯାଏ ଏବଂ ସେହି ସମୟରେ ଅନ୍ୟ ଗୋଟିଏ ବିଲୁଆ ସିଂହର ଖାଦ୍ୟରୁ କିଛି ନେଇ ପଳାଇଯାଏ ।

କେଉଁ ଜନ୍ତୁ ଆକାଶରୁ ଉଡନ୍ତ ପକ୍ଷୀକୁ ଧରି ନିଏ ?

କାରାକାଲ୍ (Caracal) ପକ୍ଷୀ, କୃଷ୍ଣସାର ମୃଗ (Antelope), ମୂଷା ଏବଂ ଝିଟିପିଟି ଶୀକାର କରେ । ଏହା ଉପରକୁ ଡେଇଁ ଉଡନ୍ତ ପକ୍ଷୀକୁ ମଧ୍ୟ ମାରିଦେଇପାରେ ।

କାହିଁକି ପିମ୍ପୁଡ଼ି ସିଂହ (Ant lion) ଗାତ ଭିତରେ ରହେ ?

Digitized by PPRACHIN, SOA

ଏହା ଏକ ଚାଲାକ ଶିକାରୀ । ସେ ନିଜେ ଏକ ପିମ୍ପୁଡି ହୋଇଥିଲେ ହେଁ ପିମ୍ପୁଡିକୁ ମାରି ଖାଏ । ଏହା ବାଲିରେ କାହାଳୀ (funnel) ପରି ଖାଲ ସ୍ଥାନ ତିଆରି କରେ ଏବଂ ନିଜେ ତଳେ ଗୋଟିଏ ସ୍ଥାନରେ ବାଲିରେ ଲୁଚି ରହେ । ଯେତେବେଳେ ତାହାର ଖାଦ୍ୟ ପିମ୍ପୁଡ଼ି ଯାଉଥାଏ ଓ ଖାଲ ଭିତରେ ପଡ଼ିଯାଏ ସେତେବେଳେ Ant lion ତାକୁ ଧରି ମାରିପକାଏ ।

ସାପ କିପରି ନିଜର ଶୀକାରର ଅବସ୍ଥିତି ବିଷୟରେ ଜାଣିପାରେ ?

ଆମେରିକା ମରୁଭୂମିରେ କଙ୍ଗାରୁ ପରି ଜନ୍ତୁକୁ ରାଟ୍ଲ୍‌ସାପ (Rattle snake) ସମ୍ପୂର୍ଣ୍ଣ ଅନ୍ଧାରରେ ମଧ ଶୀକାର କରିପାରେ । ସାପର ଆଖିପାଖରେ ଗରମ ଅନୁଭବ କରିବାର ବ୍ୟବସ୍ଥା ଥାଏ । ସେ ନିକଟରେ ଥିବା ମୂଷା ଜାତୀୟ ଜନ୍ତୁ, ଠେକୁଆ ପ୍ରଭୃତିଙ୍କର ଶରୀର ଉତ୍ତାପରୁ ସେମାନଙ୍କର ଅବସ୍ଥିତି ଜାଣିପାରି ଶୀକାର କରେ ।

ପୃଥିବୀରେ ସବୁଠାରୁ ଶୀଘ୍ର ଦଉଡ଼ି ପାରିବା ଜନ୍ତୁ କିଏ ?

ଆଫ୍ରିକା ଘାସରେ ଚିତା ବାଘ ରହେ । ସେ ଘଣ୍ଟାରେ ୧୦୦ କିଲୋମିଟର ବେଗରେ ଦଉଡ଼ିପାରେ । ତେଣୁ ହରିଣକୁ ମଧ ଗୋଡ଼ାଇ ଧରିପାରେ ।

ମରୁଭୂମିରେ ପାଣିଥିବା ସ୍ଥାନ କାହିଁକି ପକ୍ଷୀମାନଙ୍କ ପାଇଁ ବିପଜ୍ଜନକ ?

ପକ୍ଷୀମାନେ ଯେତେବେଳେ ପାଣି ପିଇବାକୁ ଆସନ୍ତି, ସେଠାରେ ଲୁଚିରହିଥିବା ବାଜପକ୍ଷୀ (falcon) ସେମାନଙ୍କୁ ଶୀକାର କରେ ।

ଡୋମିନୋ ବିଟ୍‌ଲ (Domino bettle) କିପରି ନିଜକୁ ରକ୍ଷା କରେ ?

Digitized by PPRACHIN, SOA

କୌଣସି ଜନ୍ତୁ ତାହାକୁ ଗୋଡ଼ାଇଲେ ସେ ପଛପାଖ ପେଟରୁ ଏପରି ଏକ ପ୍ରକାର ବିଷ ଛାଡ଼େ ଯାହାକି ଶତ୍ରୁ ମୁହଁରେ ପଡ଼ିଲେ କଷ୍ଟ ଦିଏ ତେଣୁ ତାକୁ କେହି ଧରିବାକୁ ସାହାସ କରିପାରନ୍ତି ନାହିଁ ।

କେଉଁ ଜନ୍ତୁ ଦେହରୁ ଶର ପରି କଣ୍ଟା ଛାଡ଼େ ?

ଉତ୍ତର ଆମେରିକା ଓ ଆରବ ଦେଶର ମରୁଭୂମିରେ ରହୁଥିବା ଝିଙ୍କ (hedgehog) କୁ Fennec ନାମକ ବିଲୁଆ ଖାଇବାକୁ ଗୋଡ଼ାଇଲେ ସେ ନିଜ ଦେହକୁ ଗୋଲାକାର କରିଦିଏ । ତା ଦେହର ଚମ ଉପରେ ଥିବା ମୁନିଆ କଣ୍ଟା ଜୋରରେ ଛାଡ଼ିଲେ ତାହା ବିଲୁଆ ମୁହଁ ଓ ପେଟରେ ଗଳିଯାଏ ।

କେତେବେଳେ ଗେରବିଲ୍ (gerbil) ନିଜ ଲାଙ୍ଗୁଡ଼ ହରାଏ ?

ମଙ୍ଗୋଲ ମରୁଭୂମିରେ ରହୁଥିବା ଗେରବିଲ୍ ର ଦେହ ବାଲି ରଙ୍ଗ । କିନ୍ତୁ ଲାଙ୍ଗୁଡ଼ରେ ଅଳ୍ପ କଳା ବାଳ ଥାଏ । ବିଲୁଆ ତାହାର ଲାଙ୍ଗୁଡ଼ର କଳା ବାଳ ଦେଖି ଖାଇବାପାଇଁ ଗୋଡ଼ାଇ କାମୁଡ଼ି ଦେଲେ ଲାଙ୍ଗୁଡ଼ଟି ଦେହରୁ ଅଲଗା ହୋଇଯାଏ । ଲାଙ୍ଗୁଡ଼ ଆଉଥରେ ବଢ଼େ ନାହିଁ ।

କିଏ ଲାଙ୍ଗୁଡ଼ ଦ୍ୱାରା ଶତ୍ରୁକୁ ଘଉଡ଼ାଇଦିଏ ?

ସାହାରା ମରୁଭୂମିରେ ଏକ ପ୍ରକାର ଝିଟିପିଟି (Spiny tailed agama) ଅଛନ୍ତି । ସେମାନଙ୍କ ଲାଙ୍ଗୁଡ଼ ମୋଟା ଓ ସେଥିରେ ଟାଣ କାତି ଥାଏ । କୌଣସି ଶତ୍ରୁ ଆସିଲେ ସେ ଦଉଡ଼ିଯାଇ ଗାତ ଭିତରକୁ ପଶିଯାଏ, ଲାଙ୍ଗୁଡ଼ ବାହାରକୁ ଥାଏ । ଲାଙ୍ଗୁଡ଼ ଜୋରରେ ହଲାଇବାରୁ ଶତ୍ରୁ ଡରି ପଳାଇଯାଏ ।

କେଉଁ ଝିଟିପିଟି ଅଧିକାଂଶ ସମୟ ଶୋଇବାରେ କଟାଇଦିଏ ?

Chuckwalla lizard ବସନ୍ତ ଋତୁରେ ଯେତେବେଳେ ମରୁଭୂମିରେ ଫୁଲ ଫୁଟେ ସେତେବେଳେ ଫୁଲ ଖାଏ । ଏହାପରେ ଯେତେବେଳେ ପାଗ ଖରାପ ହୁଏ ସେ ୭ମାସ ଗୋଟିଏ ସୁବିଧା ସ୍ଥାନରେ ଶୁଏ ।

କେଉଁ ସାପ ଖାଦ୍ୟ ପାଇଁ ବାଲିରେ ଚୁପ୍‌ଚାପ୍ ଶୋଇ ଅପେକ୍ଷା କରିଥାଏ ?

ଉତ୍ତର ଆଫ୍ରିକା ଓ ଆରବ ମରୁଭୂମିରେ ବାଲିରେ ରହୁଥିବା ପାଉଁଶ ରଙ୍ଗ

Digitized by PPRACHIN, SOA

ଇଷତ୍ ଖଇରିଆ । ସେ ବାଲିରେ ପୋତି ହୋଇ ରହିଥାଏ, ମୁଣ୍ଡ କେବଳ ବାହାରକୁ ଥାଏ । ତା ପାଖଦେଇ ଯାଉଥିବା ଝିଟିପିଟି ଓ ଅନ୍ୟ ଛୋଟ ଜନ୍ତୁ ଧରି ଖାଏ ।

କେଉଁ ବିଷ ନ ଥିବା ସାପ ମଧ୍ୟ ବିଷାକ୍ତ ସାପ ପରି ଭୟ ସଞ୍ଚାର କରେ ?

ଆମେରିକା ମରୁଭୂମିର ଅଜଗର ସାପ (King snake) ଯଦିଓ ବିଷାକ୍ତ ସାପ ନୁହେଁ ତଥାପି ତାହା ଦେହରେ ଭୟଙ୍କର ବିଷାକ୍ତ ସାପ ପରି ମୋଟା ମୋଟା କଳା ଓ କମଳା ରଙ୍ଗର ପଟି ଥିବା ହେତୁ ଭୟଙ୍କର ବିଷାକ୍ତ ସାପ ପରି ଦେଖାଯାଏ । ତେଣୁ ଡ଼ରରେ ଜନ୍ତୁମାନେ ଏହା ନିକଟକୁ ଯାଆନ୍ତି ନାହିଁ ।

କେଉଁ ସାପ ମଲାପରି ପଡ଼ି ରହି ଥାଏ ?

ପଶ୍ଚିମ ଆମେରିକା ଓ ମେକ୍ସିକୋର (Hognose) ସାପ ବିଷାକ୍ତ ନୁହେଁ । ଏହା ଶତ୍ରୁକୁ ଡରାଇବା ପାଇଁ ଜୋରରେ ହିସ୍ ହିସ୍ ଶବ୍ଦ କରେ । ଶତ୍ରୁ ନ ଡରିଲେ ସେ ପିଠି ପାଖରେ ଶୋଇ ପାଟି ଖୋଲି ଜିଭ ବାହାରକୁ ବାହାର କରେ ଯେପରି ସେ ମରିଯାଇଛି । ଅନେକ ଜନ୍ତୁ ମଲା ଜିନିଷ ଖାଆନ୍ତି ନାହିଁ, ତେଣୁ ସାପ ସେମାନଙ୍କ କବଳରୁ ରକ୍ଷା ପାଇଯାଏ ।

କେଉଁ ସାପ ଫଣା ଟେକି ବିଷ ଜୋରରେ ନିକ୍ଷେପ କରେ ?

ଗୋଖର ସାପ (King cobra) ଏକ ଭୟଙ୍କର ବିଷାକ୍ତ ସାପ । ସବୁଦେଶରେ ଏହି ପ୍ରକାର ସାପ ଅଛନ୍ତି । ପୂର୍ବ ଆଫ୍ରିକାରେ ପାଣି ପାଖରେ ଏହି ସାପ ରହେ । ବିପଦ ପଡ଼ିଲେ ସେ ଫଣା ଟେକି ଫୁଲାଇ ଦିଏ । ଯଦି ଜଣେ ମଣିଷ ପାଖକୁ ଆସେ ସେ ପାଟିରୁ ବିଷ ଏତେ ଜୋରରେ ଫୋପାଡେ ଯେ ତାହା ମଣିଷ ଆଖିରେ ପଡ଼ି ଆଖି ନଷ୍ଟ କରିଦିଏ ।

ମରୁଭୂମି ବାଲିରେ ରହୁଥିବା ବିଲେଇକୁ ଦେଖିବା କାହିଁକି କଷ୍ଟ ?

ବିଲେଇ ଦେହର ଲୁମ ହଳଦିଆ-ମାଟିଆ ମିଶା ରଙ୍ଗ । ତାହାର ମୁଣ୍ଡ, ଗୋଡ଼ ଓ ଲାଞ୍ଜରେ କଳା ଚିହ୍ନ ଥାଏ । ତେଣୁ ହଠାତ୍ ବିଲେଇକୁ କୌଣସି ଜନ୍ତୁ ଦେଖିପାରନ୍ତି ନାହିଁ । ଏହାଦ୍ୱାରା ସେ ସହଜରେ ଶୀକାର କରିପାରେ । ସେ ଜେରେବା ମୂଷା ଧରିବା ପାଇଁ ପଥର କଡ଼ରେ ବସିଥାଏ । ମୂଷା ପାଖକୁ ଆସିଲେ ଖପ୍ କରି ଧରିପକାଏ ।

Digitized by PPRACHIN, SOA

ଏହା ଆଫ୍ରିକା ଓ ଏସିଆ ମହାଦେଶ ମରୁଭୂମିରେ ବାସ କରେ ।

କେଉଁ ଜନ୍ତୁର ଦୁଇଟି ମୁଣ୍ଡ ଅଛି ?

ଅଷ୍ଟ୍ରେଲିଆରେ ରହୁଥିବା ଏକ ପ୍ରକାର ଝିଟିପିଟିର ମୋଟା ଲାଙ୍ଗୁଡ଼ ଥାଏ । ସେଥିରେ ଚର୍ବି ଖାଦ୍ୟ ଭାବରେ ସଞ୍ଚୟ ହୋଇଥାଏ । ତାର ଲାଞ୍ଜ ଏବଂ ମୁଣ୍ଡ ଏକା ପରି ଦେଖାଯାଏ । ତେଣୁ ଶତ୍ରୁମାନେ ତାକୁ କେଉଁ ଦିଗରୁ ଆକ୍ରମଣ କରିବେ ଜାଣିପାରନ୍ତି ନାହିଁ ।

ଝିଟିପିଟି କାହିଁକି ଛତା ପରି ଦେଖାଯାଏ ?

ଅଷ୍ଟ୍ରେଲିଆର Frizzled lizard ର ବେକ ଚାରିପାଖରେ କିଛି ଚମ ଥାଏ । ତାହା ଛତାପରି ଟାଣ,ସରୁ ଦଣ୍ଡ ସହିତ ଲାଗିଥାଏ । ଶତ୍ରୁ ଆକ୍ରମଣ କଲେ ଦେହ ଛତାପରି ଖୋଲିଯିବାରୁ ସେ ଗୋଟିଏ ବଡ଼ ଜନ୍ତୁପରି ଦେଖାଯାଏ । ଏହା ଦେଖି ଶତ୍ରୁ ପଳାଇଯାଏ ।

କେଉଁଥିରୁ ଜଣାପଡ଼େ ଯେ ଗିଲା ଝିଟିପିଟି ବିଷାକ୍ତ ଜନ୍ତୁ ?

ଗିଲା ଝିଟିପିଟି ଦେହର କାତି ଉପରେ କମଳା ଓ କଳା ରଂଗର ପଟିଥାଏ । ପୃଥିବୀ ସାରା ଯେତେ ବିଷାକ୍ତ ଜନ୍ତୁ ଅଛନ୍ତି ସମସ୍ତଙ୍କ ଦେହରେ ଏହି ଦୁଇପ୍ରକାର ପଟି ଥାଏ । ଅନ୍ୟ ଜନ୍ତୁମାନେ ଏହି ରଙ୍ଗ ଚିହ୍ନିପାରି ଦୂରେଇ ଯାଆନ୍ତି ।

କେତେବେଳେ ଗୁଣ୍ଡୁଚି ମୂଷା କୃଷସାର ମୃଗ (Antelope) ପରି ଦେଖାଯାଏ ?

Digitized by PPRACHIN, SOA

ଗୁଣ୍ଡୁଚିମୂଷାର ବାଦାମି ରଙ୍ଗର ବାଳ ଥାଏ । ତାହା ଦେହରେ କୃଷ୍ଣସାର ମୃଗ ପରି ଲମ୍ୱା ଧଳା ପଟିଥାଏ । ଏହା ତାହାକୁ ଶତ୍ରୁ ଆକ୍ରମଣରୁ ରକ୍ଷାକରେ । ବିପଦବେଳେ ସେ ପଥର ଓ ବାଲି ନିକଟରେ ଏପରି ଭାବରେ ସ୍ଥିର ହୋଇ ରହିଯାଏ ଯେ ଶତ୍ରୁ ତାହାକୁ ଦେଖିପାରେ ନାହିଁ ।

କେଉଁ ପତଙ୍ଗକୁ ମରୁଭୂମିର ଲୋକ ସବୁଠାରୁ ବେଶୀ ଡରନ୍ତି ?

ଆଫ୍ରିକା ଓ ଏସିଆ ମହାଦେଶର ପଙ୍ଗପାଳମାନେ ଏକପ୍ରକାର ବଡ଼ ଝିଣ୍ଟିକା । ସେମାନେ ଯଥେଷ୍ଟ ଖାଦ୍ୟ ଖାଇବାକୁ ପାଇଲେ ଶୀଘ୍ର ଛୁଆ ଜନ୍ମକରି ବହୁତ ପରିମାଣ ପଙ୍ଗପାଳ ହୋଇଯାଆନ୍ତି । ଗୋଟିଏ ଦଳରେ ପ୍ରାୟ ୧୦ଲକ୍ଷ ପଙ୍ଗପାଳ ରହିପାରନ୍ତି । ଆକାଶରେ ଉଡ଼ିଗଲାବେଳେ ସେମାନେ ଏକ ବଡ଼ କଳା ମେଘପରି ଦେଖାଯାଆନ୍ତି । ଚାଷିମାନେ ପଙ୍ଗପାଳଙ୍କୁ ସବୁଠାରୁ ବେଶୀ ଡରନ୍ତି କାରଣ ସେମାନେ ଅଳ୍ପ କେତେ ମିନିଟ ମଧ୍ୟରେ ଶହ ଶହ ଏକର ଜମିର ଶସ୍ୟ ଖାଇ ଯାଆନ୍ତି । ସେହି ଗାଁରେ ଉତ୍କଟ ଖାଦ୍ୟର ଅଭାବ ଦେଖାଦିଏ ।

ପିମ୍ପୁଡ଼ି କିପରି ଦଳବଦ୍ଧ ହୋଇ କାମ କରନ୍ତି ?

ସେମାନେ ଗୋଟିଏ ରାଣୀ ପିମ୍ପୁଡ଼ି ସହ ଏକ ଦଳରେ ରହନ୍ତି । ଅଧିକାଂଶ ବିଭିନ୍ନ ପ୍ରକାର କାର୍ଯ୍ୟ କରନ୍ତି । କେତେକ କେଉଁଠାରେ ବିଭିନ୍ନ ପ୍ରକାର ମଞ୍ଜି ମିଳିବ ଠାବ କରନ୍ତି । ଅନ୍ୟମାନେ ସେହି ମଞ୍ଜି ଗୁଡ଼ିକ ବସାକୁ ବୋହି ଆଣନ୍ତି । ସେଠାରେ ଥିବା ବଡ଼ ବଡ଼ ପିମ୍ପୁଡ଼ି ପାଟିରେ ମଞ୍ଜିକୁ କାମୁଡ଼ି ଦେଲେ ବାହାର ଆବରଣ ଫାଟିଯାଏ । ଭିତର ଶସକୁ ନେଇ ଖାଦ୍ୟ ଭଣ୍ଡାରରେ ରଖାଯାଏ । ମଞ୍ଜିର ଶୁଖିଲା ଖୋଳପା ଗୋଟିଏ ସ୍ଥାନରେ ଜମା ହୋଇ ରହେ ।

ବହୁ ସଂଖ୍ୟକ ଏକପ୍ରକାର ଜନ୍ତୁ ଏକାଠି ରହିଲେ ସୁରକ୍ଷା ମିଳେ

Orycx ଏକ ପ୍ରକାର ବଡ଼ କୃଷ୍ଣ ସାଗର ମୃଗ (Antelope) । ସେମାନେ ଦଳବଦ୍ଧ ହୋଇ ଆଫ୍ରିକା ଓ ଆରବ ମରୁଭୂମିରେ ବାସ କରନ୍ତି । କୌଣସି ବଡ଼ ଜନ୍ତୁ ଆସିଲେ ସେମାନେ ସାଧାରଣତଃ ଦଉଡ଼ି ପଳାଇ ଯାଆନ୍ତି । ପଳାଇ ନ ପାରିଲେ ଦଳବଦ୍ଧ ହୋଇ ଶିଙ୍ଗରେ ଶତ୍ରୁକୁ ଆକ୍ରମଣ କରନ୍ତି ।

କେଉଁ ପକ୍ଷୀ ମେଘ ପଛରେ ଗୋଡ଼ାଏ ?

Digitized by PPRACHIN, SOA

ମରୁଭୂମିର (୨୬) ଜୀବଜନ୍ତୁ

ଅଷ୍ଟ୍ରେଲିଆ ମହାଦେଶର ଶୁଷ୍କ ଅଞ୍ଚଳରେ ଏମୁ ପକ୍ଷୀ ଦଳ ଦଳ ହୋଇ ରହନ୍ତି । ଏହି ବିରାଟକାୟ ପକ୍ଷୀ ଗଛ, ଫଳ, ଝିଟିପିଟି ଓ ବିଭିନ୍ନ ପ୍ରକାର ପତଙ୍ଗ ଖାଇ ବଞ୍ଚନ୍ତି । ପକ୍ଷୀ ହେଲେ ମଧ୍ୟ ସେମାନେ ଉଡ଼ି ପାରନ୍ତି ନାହିଁ କିନ୍ତୁ ଓଟ ପକ୍ଷୀ ପରି ଏମୁ ପକ୍ଷୀ ମଧ ବହୁତ ଯୋରରେ ଦଉଡିପାରନ୍ତି । ସେମାନେ ମାଟି ଉପରେ ଚାଲିଚାଲି ଖାଦ୍ୟ ସଂଗ୍ରହ କରନ୍ତି । ଚାଷିମାନେ ଶସ୍ୟ କିଆରି ଚାରିପାଖରେ ଉଚ୍ଚ ବାଡ଼ ଦେଇ ଶସ୍ୟକୁ ଏମୁ ପକ୍ଷୀ ଦାଉରୁ ରକ୍ଷା କରନ୍ତି । ଶୁଖିଲା ପାଗରେ ମେଘ ଆକାଶରେ ଭାସିଲାବେଳେ ସେମାନେ ମେଘ ପଛେ ପଛେ ଦଉଡ଼ନ୍ତି । ବର୍ଷା ହେଲେ ସେହି ପାଣି ପିଅନ୍ତି ।

କେଉଁ ଜନ୍ତୁ ଶରୀର ବାସନା ଦ୍ୱାରା ଯୋଗାଯୋଗ କରନ୍ତି ?

ଆଫ୍ରିକା ମହାଦେଶର ମୋଲ୍ ମୂଷା ମାଟିତଳ ଗାତରେ ରହେ । ଏହା ଦେଖିପାରେ ନାହିଁ ଏବଂ ଅଦ୍ଭୁତ ପ୍ରକାର ସ୍ତନ୍ୟପାୟୀ ପ୍ରାଣୀ । ସେମାନେ ଦଳବଦ୍ଧ ହୋଇ ରହନ୍ତି । ଗୋଟିଏ ମାଈ ମୂଷା ଏମାନଙ୍କର ଦଳପତି । ସେ ଅନ୍ୟ ମୂଷା ମାନଙ୍କ ସହିତ ଏକପ୍ରକାର ସ୍ୱତନ୍ତ୍ର ଫେରୋମୋନ୍ ନାମକ ପଦାର୍ଥ ଦ୍ୱାରା ଯୋଗାଯୋଗ କରି କାର୍ଯ୍ୟ କରିବା ପାଇଁ ଆଦେଶ ଦିଅନ୍ତି ।

କେଉଁ ମରୁଭୂମି ପକ୍ଷୀ ଯାଯାବର ?

ଅଷ୍ଟ୍ରେଲିଆର Budgerigar ପକ୍ଷୀମାନେ ଦଳବଦ୍ଧ ହୋଇ ରହନ୍ତି । ସେମାନେ ଗୋଟିଏ ସ୍ଥାନରେ ବେଶୀଦିନ ବାସ କରନ୍ତି ନାହିଁ । ସେମାନେ ବୁଲି ବୁଲି ଯେଉଁ ସ୍ଥାନରେ ବର୍ଷା ହୋଇ ମଞ୍ଜି ଜାତୀୟ ଶସ୍ୟ ହୋଇଥାଏ ସେଠାରେ ପହଞ୍ଚନ୍ତି । ମଞ୍ଜି ଖାଇବାକୁ ସେମାନେ ବହୁତ ଭଲ ପାଆନ୍ତି । ଏହି ପ୍ରକାର ଖାଦ୍ୟ ବେଶୀ ପରିମାଣରେ ଥିଲେ କିଛିଦିନ ସେଠାରେ ରହିଯାଆନ୍ତି ଏବଂ ଛୁଆ ଜନ୍ମ କରନ୍ତି ।

ମିରକଟ୍ (Meerkat) କାହିଁକି ପଛ ଦୁଇଗୋଡ଼ରେ ଠିଆ ହୁଏ ?

ଅନେକ ମରୁଭୂମିର ଜନ୍ତୁ ଗୋଟିଏ ଗୋଠରେ ବାସ କରନ୍ତି । ମିରକଟ୍ ଏକ ପ୍ରକାର ଲୋମଶ ଜନ୍ତୁ । ସେମାନେ ମାଟିତଳ ଗାତରେ ଏକାଠି ବାସ କରନ୍ତି । ଦଳ ହୋଇ ରହୁଥିବାରୁ ଶତ୍ରୁ ଭୟ ନ ଥାଏ । ସମସ୍ତେ ଏକାଠି ମାଟି ଉପରେ ବସି ଖୋଲାରେ ଖାଦ୍ୟ ଖାଆନ୍ତି । ଗୋଟିଏ ମିର୍‌କଟ ପଛ ଦୁଇଗୋଡ଼ରେ ଠିଆ ହୋଇ ପହରା ଦିଏ । ସାପ କିମ୍ବା ଛଞ୍ଚାଣ ପକ୍ଷୀ ଦେଖିଲେ ସେ ସମସ୍ତଙ୍କୁ ସାବଧାନ କରିଦିଏ ଏବଂ ସେମାନେ ଶୀଘ୍ର ଗାତ ଭିତରକୁ ଚାଲି ଯାଆନ୍ତି ।

Digitized by PPRACHIN, SOA

ଗେରବିଲ୍ ମାନେ କେଉଁଠାରେ ଖାଦ୍ୟ ରଖନ୍ତି ?

ଖାଦ୍ୟ ସଂଗ୍ରହ କଲାବେଳେ କୌଣସି ଭଲ ଖାଦ୍ୟ ପାଇଲେ ଗେରବିଲ ତାହା ପାଟି କଳରେ ଢାକି ରଖେ । ଗାତ ଭିତରକୁ ଫେରି ଆସି ସୁବିଧାରେ ଖାଏ ।

କେଉଁ ମରୁଭୂମିରେ ରହୁଥିବା ସ୍ତନ୍ୟପାୟୀ ପ୍ରାଣୀ ଶୀଘ୍ର ଦଉଡିପାରେ ?

ଉତ୍ତର ଆମେରିକାର (Jack) ଠେକୁଆ ବହୁତ ଶୀଘ୍ର ଦଉଡ଼ି ପାରନ୍ତି । ସେମାନେ ଘଣ୍ଟାକୁ ୫୫ କିଲୋମିଟର ବେଗରେ ଦଉଡ଼ି ତାଙ୍କର ଶତ୍ରୁ ପାଖରୁ ଆତ୍ମରକ୍ଷା କରିଥାଆନ୍ତି ।

କିଟ୍ କୋକିଶିଆଳୀ କିପରି ଖାଦ୍ୟ ସଂଗ୍ରହ କରେ ?

କିଟ୍ କୋକିଶିଆଳୀ ପତଙ୍ଗ, ଝିଟିପିଟି, ମୂଷା ଏବଂ ଠେକୁଆ ଖାଏ । ରାତିରେ ଖାଦ୍ୟ ସଂଗ୍ରହ କରିବା ପାଇଁ ଯିବାବେଳେ ସେ ଭଲ ଭାବରେ ଦେଖିପାରେ ନାହିଁ, କିନ୍ତୁ ତାହାର ବଡ଼ ବଡ଼ କାନଦ୍ୱାରା ଜନ୍ତୁ ମାନଙ୍କ ଉପସ୍ଥିତି ବିଷୟରେ ଜାଣିପାରେ । ସେ ବହୁତ ଶୀଘ୍ର ଦଉଡ଼ିପାରେ ।

ଏକିଡ୍‌ନାସ (Echidnas) ମାନେ କିପରି ଖାଦ୍ୟ ଖାଆନ୍ତି ?

ଏହା ଏକ ପ୍ରକାର ପିମ୍ପୁଡ଼ି ଖାଇବା ଜନ୍ତୁ । ଅଷ୍ଟ୍ରେଲିଆର ମରୁଭୂମିରେ ଦେଖାଯାନ୍ତି । ସେ ନିଜର ଲମ୍ବା, ଅଠାଳିଆ ଜିଭ ସାହାଯ୍ୟରେ ପତଙ୍ଗ ଓ ଉଇ ଖାଆନ୍ତି ।

କଣ୍ଟା ସିଜୁ ବୁଦା ଭିତରେ କିଏ ବସା ବାନ୍ଧେ ?

ଉତ୍ତର ଆମେରିକା ମରୁଭୂମିରେ ବାସ କରୁଥିବା (Pack rats) ସିଜୁ ବୁଦା ଭିତରେ ବସା କରନ୍ତି । କୋକିଶିଆଳି ସେମାନଙ୍କର ସବୁଠାରୁ ବଡ଼ ଶତ୍ରୁ । ସେଥିପାଇଁ କଣ୍ଟା ସିଜୁ ବୁଦାଭିତରେ ବସା ବାନ୍ଧନ୍ତି । ବସା ଭିତରକୁ ଯିବା ପାଇଁ ଗୋଟିଏ ଛୋଟ ବାଟ ଥାଏ, ଯାହା ଭିତର ଦେଇ କୋକିଶିଆଳି ବସା ଭିତରକୁ ପ୍ରବେଶ କରିପାରିବ ନାହିଁ । ବସା ଭିତରେ ଥିବା ଥଣ୍ଡା ସ୍ଥାନରେ ସେ (Pack rat) ଦିନବେଳା ବିଶ୍ରାମ କରେ ।

ଓଟର କେତୋଟି କୁଜ ଅଛି ?

ଆରବ ଦେଶରେ ରହୁଥିବା ଓଟମାନଙ୍କର ଗୋଟିଏ କୁଜ ଥାଏ । ସେମାନେ

Digitized by PPRACHIN, SOA

ଆରବ ଦେଶ ଓ ଉତ୍ତର ଆଫ୍ରିକାରେ ଦେଖାଯାଆନ୍ତି । ଅନ୍ୟ ପ୍ରକାର ଓଟ ମଙ୍ଗୋଲିଆର ଗୋବି ମରୁଭୂମି ଓ ଏସିଆ ମହାଦେଶର ଅନ୍ୟ ଶୁଷ୍କ ଅଞ୍ଚଳରେ ରହନ୍ତି । ସେମାନଙ୍କର ଦୁଇଟି କୁଜ ଥାଏ ।

ଓଟକୁ କାହିଁକି ମରୁଭୂମିର ଜାହାଜ କୁହାଯାଏ ?

ମଣିଷ ଓଟକୁ ବିଭିନ୍ନ କାମରେ ଲଗାଏ । ଟ୍ରକ୍, ଉଡ଼ାଜାହାଜ ପ୍ରଭୃତି ଯାନ ନଥିଲାବେଳେ ଓଟ ଭାରୀ ଜିନିଷ ପିଠିରେ ଲଦି ମରୁଭୂମିରେ ଯାଉଥିଲା । ସେଠାରେ ଉଚ୍ଚ ବାଲିକୁଦ ସବୁ ସମୁଦ୍ର ଢେଉ ପରି ଦେଖାଯାଏ । ଓଟ ଉପରେ ବସି ଯାତ୍ରା କଲା ବେଳେ ଶରୀର ଏପାଖରୁ ସେପାଖ ହଲୁଥିବାରୁ, ସମଦ୍ରରେ ଡଙ୍ଗାରେ ଯିବା ପରି ଲାଗେ । କେତେକ ଓଟ ପିଠିରେ ଚଢ଼ି ଗଲାବେଳେ, ସମୁଦ୍ରରେ ଜାହାଜରେ ଗଲାଭଳି ଅସୁସ୍ଥ ହୁଅନ୍ତି । ତେଣୁ ଓଟକୁ ମରୁଭୂମିର ଜାହାଜ କୁହାଯାଏ ।

ଓଟ ଆଖିରେ ଓ ନାକରେ କାହିଁକି ବାଲି ପଶିଯାଏ ନାହିଁ ?

ପ୍ରଶ୍ୱାସ ନେଲାପରେ ଓଟର ନାକ ବୁଜି ହୋଇ ଯାଉଥିବାରୁ ବାଲି ପଶିପାରେ

Digitized by PPRACHIN, SOA

ନାହିଁ । ଆଖି ଉପରେ ଲମ୍ବା ବାଳ ଥିବାରୁ ଆଖିରେ ବାଲି ପଶେ ନାହିଁ । ବାଲି ଝଡ଼ ସମୟରେ ସେମାନେ ଆଖି ବନ୍ଦ କରିଦିଅନ୍ତି କିନ୍ତୁ ଆଖିପତା ଫାଙ୍କରେ ବାହାର ଜିନିଷ ଦେଖି ପାରନ୍ତି ।

ଓଟ କୁଜ ଭିତରେ କ'ଣ ଥାଏ ?

ଆମେ ଭାବୁ ଯେ ଓଟ କୁଜ ଭିତରେ ପାଣି ରଖେ । ତାହା ଠିକ୍ ନୁହେଁ । କୁଜ ଭିତରେ ଚର୍ବି ଥାଏ । ଖାଦ୍ୟ ନ ମିଳିଲେ ଚର୍ବିରୁ ଶକ୍ତି ମିଳେ । ମରୁଭୂମି ଯାତ୍ରା ବେଳେ ଦୀର୍ଘଦିନ ଖାଇବାକୁ ନ ମିଳିଲେ କୁଜଟି ଛୋଟ ହୋଇଯାଏ ।

ମରୁଭୂମିର କେଉଁ ଜନ୍ତୁର ପ୍ରକୃତି ସବୁଠାରୁ ଖରାପ ?

ଓଟର ପ୍ରକୃତି ବହୁତ ଖରାପ । ଓଟକୁ କେହି ବିରକ୍ତ କଲେ ସେ ଗନ୍ଧ ଛେପ ତାହା ଉପରକୁ ପକାଏ । ରାତିରେ ଓଟ ମାଲିକଙ୍କୁ ସାବଧାନ ରହିବାକୁ ହୁଏ (ଗୋଡ଼ ଏକାଠି ବାନ୍ଧିଦିଅନ୍ତି) କାରଣ ସେ ପୁଣିଥରେ ତାହା ବାସସ୍ଥାନକୁ ଚାଲିଯାଇପାରେ ।

କେଉଁ ପକ୍ଷୀ ସିକ୍ତୁ ଗଛରେ କଣା କରି ସେଥିରେ ବସା କରେ ?

କାଠହଣା ଚଢ଼େଇ ଗଛ କୋରଡ଼ରେ ବସା କରେ । ମରୁଭୂମିରେ ବଡ଼ ଗଛ ନ ଥାଏ । ଆମେରିକା ମରୁଭୂମିରେ ବାସ କରୁଥିବା ଗିଲା କାଠହଣା ଚଢ଼େଇ ସାଗୁରୋ ସିକ୍ତୁ ଗଛରେ ବସା ବାନ୍ଧେ । ସେ ଲମ୍ବ ଓ ଶକ୍ତ ଚଞ୍ଚୁଦ୍ୱାରା ସିକ୍ତୁ ଗଛରେ କଣା କରେ । କେତେଦିନ ପରେ ସେହି ସ୍ଥାନଟି ଶୁଖିଲା ହୋଇଗଲେ, ସେଠାରେ ଅଣ୍ଡା ଦେଇ ଛୁଆ କରେ ।

କେଉଁ ପକ୍ଷୀ ଠେକୁଆ ଖୋଳିଥିବା ଗାତ ଭିତରେ ବାସକରେ ?

ମରୁ ଭୂମିରେ ଏକ ପ୍ରକାର ପେଚା ଥାଏ ଯାହାରକି ନିଜର ପଞ୍ଝା ଓ ନଖ ସାହାଯ୍ୟରେ ଗାତ ଖୋଳିବାର କ୍ଷମତା ଥିଲେ ମଧ ନିଜର ଅଳସୁଆମି ଯୋଗୁଁ ନିଜେ ଗାତ ନ ଖୋଳି ଠେକୁଆ ଖୋଳିଥିବା ପୁରୁଣା ଗାତରେ ରହିବାକୁ ପସନ୍ଦ କରେ ।

କେଉଁ ମରୁଭୂମି ପକ୍ଷୀ ଅନ୍ୟପକ୍ଷୀ ତିଆରି କରିଥିବା ବସାରେ ରହେ ?

ଗିଲା କାଠହଣା ଚଢ଼େଇ ଯେଉଁ ବସା କରିଥାଏ, ସେମାନେ ସେ ସ୍ଥାନ ଛାଡ଼ି ଚାଲିଗଲାପରେ ଏଲ୍‌ଫ ପେଚା ସେଠାରେ ରହେ । ରାତିରେ ପତଙ୍ଗ . ବୁଢ଼ିଆଣି ,ଏବଂ ଛୋଟ ଝିଟିପିଟି ଖାଦ୍ୟ ପାଇଁ ସଂଗ୍ରହ କରେ ।

Digitized by PPRACHIN, SOA

ଶାଗୁଣା ମାନଙ୍କୁ କାହିଁକି ଶୋଷ ହୁଏ ନାହିଁ ?

ଶାଗୁଣା ମଲା ଜୀବ ଖାଏ । ସେମାନେ ମଲା ଜନ୍ତୁର ମାଂସ ଓ ରକ୍ତରୁ ଯଥେଷ୍ଟ ପରିମାଣ ପାଣି ପାଇ ପାରନ୍ତି । ସେମାନେ ଆକାଶରେ ବହୁତ ଉପରକୁ ଉଡ଼ି ପାରୁଥିବାରୁ ମରୁଭୂମିର ଗରମରେ ମଧ ସେମାନଙ୍କ ଦେହ ଥଣ୍ଡା ରହେ ।

କେଉଁ ଆମେରିକାନ୍ ପକ୍ଷୀ ଶୀଘ୍ର ଦଉଡ଼ି ପାରେ ?

ଉତ୍ତର ଆମେରିକାର ପଶ୍ଚିମ ଦିଗରେ ବାସ କରୁଥିବା (Road Runner) ପକ୍ଷୀ ଘଣ୍ଟାରେ ୬୨ କିଲୋମିଟର ବେଗରେ ଦଉଡ଼ିପାରେ । ସେ ଜୋରରେ ଦଉଡ଼ି ଅନ୍ୟ ପକ୍ଷୀ ଓ ଝିଟିପିଟି ଶୀକାର କରେ । ତାହାର ଛୋଟ ଡେଣା ଏବଂ ଲମ୍ବ ଲାଙ୍ଗୁଡ଼ ଥାଏ ଯାହାକି ତାକୁ ଦଉଡ଼ିବାରେ ସାହାଯ୍ୟ କରେ ।

ରୋଡ୍‌ରନର ପକ୍ଷୀ ପତଙ୍ଗ, ଝିଟିପିଟି, ସାପ ଖାଏ । ସେ ତାହାର ଶୀକାରକୁ ତାହାର ଚଞ୍ଚୁ ଆଘାତରେ କିମ୍ବା ଶକ୍ତ ଗୋଡ଼ ତଳେ ଚିପି ମାରିଦିଏ ।

କେଉଁ ପକ୍ଷୀ ସିଜୁ ଗଛ ଉପରେ ବସା ବାନ୍ଧେ ?

ରେନ୍ ପକ୍ଷୀ ସାଗୁରୋ ସିଜୁ ଗଛ ଉପରେ ବସା ବାନ୍ଧେ । ବସାର ଚାରିପାଖରେ ସିଜୁ ଗଛର କଣ୍ଟା ଥିବାରୁ ଛୁଆ ମାନଙ୍କୁ ଖାଇବା ପାଇଁ ବାହାରର କୌଣସି ଶତ୍ରୁ ଭିତରକୁ ଯାଇପାରନ୍ତି ନାହିଁ । ରେନ୍ ପକ୍ଷୀର ପର ମୋଟା ଓ ଗୋଡ଼ରେ କାତି ଥିବାରୁ ସିଜୁ କଣ୍ଟା ଅସୁବିଧା କରେ ନାହିଁ ।

Road runner ପକ୍ଷୀର ନାମକରଣ କିପରି ହେଲା ?

ଆମେରିକାରେ ପ୍ରଥମେ ଯେତେବେଳେ ଇଉରୋପରୁ ଲୋକ ଆସି ପହଞ୍ଚିଲେ ସେତେବେଳେ ମରୁଭୂମିରେ ଜିନିଷ ବୋହିବା ପାଇଁ ଘୋଡାଗାଡ଼ିର ପ୍ରଚଳନ ଆରମ୍ଭ ହେଲା । ସେ ସମୟରେ ଗାଡ଼ି ପଛରେ ଲୋକ ଦଉଡ଼ୁ ଥିଲେ । ଗାଡ଼ି ଚକ ଶବ୍ଦ ଓ

Digitized by PPRACHIN, SOA

ଘୋଡ଼ା ଟାପୁଦ୍ୱାରା ଅନେକ ପତଙ୍ଗ ବାଲିରୁ ଉପରକୁ ଉଡ଼ି ଆସନ୍ତି । ରେନ୍ ପକ୍ଷୀ ଗାଡ଼ି ପଛରେ ଦଉଡ଼ି ପୋକ ଖାଏ । ତେଣୁ ତାହାକୁ ରୋଡ୍ ରନର ପକ୍ଷୀ କହନ୍ତି ।

ଶୋକ କରୁଥିବା କପୋତ ପକ୍ଷୀର ନାମ କିପରି ହେଲା ?

ଏହି ପକ୍ଷୀ ଉତ୍ତର ଆମେରିକା ମରୁଭୂମିରେ ବାସ କରେ । ସେ ଏକ ପ୍ରକାର ଦୁଃଖପୂର୍ଣ୍ଣ ଶବ୍ଦ କରେ । ସେଥିରୁ ଏହାର ନାମକରଣ ହୋଇଛି । ଏହା ମରୁଭୂମି ଗରମରେ ରହିପାରେ କିନ୍ତୁ ପାଣି ନିୟମିତ ପିଇବା ଆବଶ୍ୟକ କରେ । ସେ ପ୍ରତି ୧୦୦ କିଲୋମିଟର ପର୍ଯ୍ୟନ୍ତ ପାଣି ଅନୁସନ୍ଧାନରେ ଉଡ଼େ ।

କାହିଁକି ହନିପଟ୍ (Honey pot) ପିମ୍ପୁଡ଼ି ଅନ୍ୟ ପତଙ୍ଗମାନଙ୍କୁ ବନ୍ଦୀ କରି ରଖନ୍ତି ?

ଏହି ପିମ୍ପୁଡ଼ିମାନେ ଦଳ ହୋଇ ବାସ କରନ୍ତି । ସେମାନେ ଫୁଲର ମହୁ ଖାଇ ବଞ୍ଚନ୍ତି । ତା ଛଡା ମଧ କେତେକ ଅଦ୍ଭୁତ ଉପାୟରେ ଖାଦ୍ୟ ସଂଗ୍ରହ କରନ୍ତି । ସେମାନେ ଛୋଟ ପତଙ୍ଗ ମାନଙ୍କୁ ଧରିଆଣି ତାଙ୍କ ବସାରେ ବନ୍ଦୀ କରି ରଖନ୍ତି । ବନ୍ଦୀ ମାନଙ୍କ ପିଠି ଆଉଁସିଲେ ମହୁପରି ଏକ ମିଠା ଜିନିଷ ବାହାରେ । ତାଙ୍କ ଦେହରୁ ଦଳର ସମସ୍ତେ ଏହି ମହୁ ଖାଆନ୍ତି ।

ଏହି ପିମ୍ପୁଡ଼ିର ନାମ କରଣ କିପରି ହେଲା ?

ଖରାଦିନେ ଅନେକ ସମୟରେ ପିମ୍ପୁଡ଼ି ମାନଙ୍କର ଖାଦ୍ୟ ଶେଷ ହୋଇଯାଏ । ତେଣୁ ସେମାନେ ଫୁଲ ବହୁତ ଫୁଟିବା ସମୟରେ ଫୁଲରୁ ମହୁ ସଂଗ୍ରହ କରି କିଛି ପିମ୍ପୁଡିଙ୍କୁ ଖୁଆନ୍ତି ଯାହାକି ପରବର୍ତ୍ତୀ ଖାଦ୍ୟ ଅଭାବ ସମୟରେ କାମରେ ଲାଗେ । ତେଣୁ ଏହି ପିମ୍ପୁଡିମାନଙ୍କ ନାମ ହନିପଟ୍ ପିମ୍ପୁଡି ରଖାଯାଇଛି ।

ସାପ କିପରି ତାହାଠାରୁ ବଡ଼ ଜନ୍ତୁ ଗିଳିପାରେ ?

ମରୁଭୂମିର ସାପ ବଡ଼ ମୂଷା, ଗୁଣ୍ଡୁଚିମୂଷା ଗିଳିଦିଅନ୍ତି । ତାଙ୍କର ପାଟି ଏପରି ତିଆରି ଯେ ବହୁତ ବଡ଼ ମେଲା ହୋଇ ପାରିବ । ସେଥିରେ ସେ ବଡ଼ ଜନ୍ତୁ ଧରି ଗିଳିଦିଏ ।

ଜିଓ୍ୱେଲ୍ (Jewel) ବିରୁଡ଼ି ର ନାମ କରଣ କିପରି ହେଲା ?

ପଶ୍ଚିମ ଆମେରିକାର ଏହି ବିରୁଡ଼ିର ଦେହର ରଙ୍ଗ ଏପରି ଯେ ତାହା ବହୁମୂଲ୍ୟ ରତ୍ନ ପରି ଚକ୍‌ଚକ୍ କରେ । ସେଥିରୁ ତାହାର ନାମ କରଣ ହୋଇଛି ।

Digitized by PPRACHIN, SOA

ଜିଓ୍ୱେଲ୍ ଓ୍ୱାସ୍ (Jewel wasp) ବା ବିରୁଡି ତାହାର ପିଲାଙ୍କୁ କିପରି ଖାଦ୍ୟ ଖୁଆଏ ?

ସେ ଅଣ୍ଡା ଦବା ସମୟ ହେଲେ ବାଲିରେ ଗାତ ଖୋଳେ । ତାହାପରେ ଶୀକାର କରିବାକୁ ଯାଏ । ଗୋଟିଏ ଅସରପାକୁ କାମୁଡ଼ିଦେଲେ ସେ ଅଚେତ ହୋଇଯାଏ । ସେ ଗାତ ଭିତରକୁ ଅସରପାକୁ ନେଇ ଆସେ ଓ ତା'ର ଦେହ ଉପରେ ଅଣ୍ଡା ଦିଏ । ଅଣ୍ଡାରୁ ଛୁଆ ହେଲେ ସେହି ଅସରପାକୁ ଖାଇ ଛୁଆମାନେ ବଢ଼ନ୍ତି ।

ସାପ ଭଲ ଭାବରେ ଦେଖିପାରେ ନାହିଁ କିମ୍ବା ଶୁଣିପାରେ ନାହିଁ ତଥାପି ସେ କିପରି ଖାଦ୍ୟ ଶୀକାର କରେ ଏବଂ କ'ଣ ପାଇଁ ସବୁବେଳେ ଜିଭ ବାହାରକୁ ବାହାର କରୁଥାଏ ?

ସାପ ର ଅନୁଭବ କରିବାର ଶକ୍ତି ଏତେ ଅଧିକ ଯେ ସେ ମାଟିର କମ୍ପନରୁ ଜନ୍ତୁ ଆସୁଥିବା ବିଷୟ ଜାଣିପାରେ । ପବନରୁ ଛୋଟ ଛୋଟ ଜଳୀୟ କଣା ସାପ ଜିଭରେ ଲାଗିଲେ, ସେ ତାହା ଉପର ତାଳୁରେ ଥିବା Jacobson's organ (ଏକ ପ୍ରକାର ଗ୍ରନ୍ଥି)କୁ ପଠାଇଦିଏ । ଏହା ଦ୍ୱାରା ଜନ୍ତୁର ଦେହ ବାସନାରୁ ତାହାକୁ ଠାବ କରେ । ସେଥିପାଇଁ ସାପ ସବୁବେଳେ ନିଜର ଜିଭ ବାହାର କରେ ।

Digitized by PPRACHIN, SOA

କେଉଁ ସାପ କଡ଼େଇ କଡ଼େଇ ଚାଲେ ?

ଉ ତ୍ତ ର

ଆମେରିକାର ସାପ ଦେହକୁ ଥରେ ଗୋଟିଏ ଦିଗକୁ ଓ ଆଉଥରେ ଅନ୍ୟ ଦିଗକୁ ମୋଡ଼ି ଚାଲେ । ସାପ ପେଟତଳେ ଥିବା କାତି ବାଲି ଧରି ରଖେ । ସାପ ଚାଲି ଗଲା ପରେ ବାଲିରେ ସମାନ୍ତରାଳ ଚିହ୍ନ ରହିଯାଏ ।

ସାପ ପରି

କେଉଁ ପକ୍ଷୀ ହିସ୍‌ହିସ୍ ଶବ୍ଦ କରେ ?

ଆମେରିକା ମରୁଭୂମିର ପେଚା ବାଲିରେ ଗାତ କରି ରହେ । ଗାତ ଭିତରକୁ କୌଣସି ଛୋଟ ଜନ୍ତୁ ପଶିବାକୁ ଚେଷ୍ଟା କଲେ ପେଚା ଜୋରରେ ସାପ ପରି ହିସ୍‌ହିସ୍ ଶବ୍ଦ କଲେ ସେ ଡରି ପଳାଇଯାଏ ।

କେଉଁ ଅଦୃଶ୍ୟ ଜୀବ ଜିଭ ସାହାଯ୍ୟରେ ଶିକାର କରେ ?

ବହୁରୂପା (Chameleon) ନିଜ ଦେହର ରଙ୍ଗ ବିଭିନ୍ନ ରଙ୍ଗରେ ବଦଳାଇ ପାରେ । ସେ ରଙ୍ଗ ବଦଳାଇ ପତଙ୍ଗ ନିକଟକୁ ଚାଲି ଆସିବାରୁ ପତଙ୍ଗ ତାହାର ଉପସ୍ଥିତି ଜାଣିପାରେ ନାହିଁ । ପତଙ୍ଗକୁ ପାଟି ଭିତରକୁ ଟାଣି ନିଏ ।

ମରୁଭୂମିର କଇଁଛ କେଉଁ ଖାଦ୍ୟ ଖାଆନ୍ତି ?

କଇଁଛ ଆସ୍ତେ ଆସ୍ତେ ଚାଲୁଥିବାରୁ ସେ ଶୀଘ୍ର ଦୌଡ଼ିପାରୁଥିବା ଜନ୍ତୁ ଖାଇପାରେ ନାହିଁ । କଇଁଛ ସବୁପ୍ରକାର ଖାଦ୍ୟ ଖାଏ, ଯଥା- ଛୋଟ ସବୁଜ ଗଛ, ଫୁଲ, ପଶୁର ମଇଳା ଏବଂ ମଲା ପଶୁ ।

Digitized by PPRACHIN, SOA

କେଉଁ ଜନ୍ତୁର ଆଖି ଖାଇବାରେ ସାହାଯ୍ୟ କରେ ?

ସବୁଜ ବେଙ୍ଗ ତାହାର ଲମ୍ବା ଓ ଅଠାଳିଆ ଜିଭ ଦ୍ୱାରା ପତଙ୍ଗ ଓ ଛୋଟ ପୋକ ଧରି ଖାଏ । ଦାନ୍ତ ନ ଥିବାରୁ ସେ ଖାଦ୍ୟ ଚୋବାଇ ପାରେ ନାହିଁ, ଗିଳି ଦିଏ । ଗିଳିଲା ବେଳେ ଆଖି ଦୁଇଟି ପାଟି ଭିତରକୁ ଦବିଯାଏ, ଯାହାଦ୍ୱାରା ଖାଦ୍ୟ ଚିପି ହୋଇ ଖାଦ୍ୟ ନଳୀ ଭିତରକୁ ଚାଲିଯାଏ ।

ମରୁଭୂମିରେ କେଉଁ ଜନ୍ତୁ ସାଞ୍ଜୁ ପିନ୍ଧିଥାଏ ?

ମରୁଭୂମିର କଇଁଛ ଆସ୍ତେ ଆସ୍ତେ ଚାଲୁଥିବାରୁ ତାହାର ଶତ୍ରୁ ମାନଙ୍କ ପାଖରୁ ଶୀଘ୍ର ପଳାଇଯାଇ ପାରେନାହିଁ । ତାହାର ବାହାର ଖୋଳପା ମୋଟା ହାଡ଼ରେ ଗଠିତ ହୋଇଥିବାରୁ ବହୁତ ଟାଣ । ବିପଦ ପଡ଼ିଲେ ସେ ମୁଣ୍ଡ ଓ ଗୋଡ଼ ଭିତରକୁ ଟାଣି ନିସ୍ତେଜ ହୋଇ ରହିଯାଏ ଫଳରେ ଅନ୍ୟ ଜନ୍ତୁମାନଙ୍କ କବଳରୁ ରକ୍ଷା ପାଏ ।

ମଣିଷ କେଉଁ ପତଙ୍ଗ ଖାଆନ୍ତି ?

ଅଷ୍ଟ୍ରେଲିଆର ଆଦିବାସୀମାନେ ଉଇଚେଟି ଗ୍ରାବ୍ସ (Wichetty grubs) ନାମରେ ଏକ ପତଙ୍ଗ ଖାଆନ୍ତି । ଏମାନେ ଗଛ ଚେରମୂଳରେ ବାସ କରନ୍ତି । ଆଦିବାସୀ ମାନେ ଗଛମୂଳ ଖୋଳି ପତଙ୍ଗକୁ କଞ୍ଚା କିମ୍ବା ରାନ୍ଧି ଖାଆନ୍ତି । ଆଫ୍ରିକା ମରୁଭୂମିର ଆଦିବାସୀ ଝିଣ୍ଟିକା ଓ ଅନ୍ୟ ପତଙ୍ଗ ମଧ ଖାଆନ୍ତି ।

କେଉଁ ମାଙ୍କଡ଼ସା ଏତେ ଖାଏ ଯେ ଶେଷରେ ମରିଯାଏ ?

ଆଫ୍ରିକା ମରୁଭୂମିରେ ବାସ କରୁଥିବା Camel Spider ଏକ ଭଲ ଶିକାରୀ । ସେମାନେ ଗୋଟିଏ ଦିନରେ ପ୍ରାୟ ୧୦୦ ପତଙ୍ଗ ଖାଇ ପାରନ୍ତି । ବେଳେ ବେଳେ ଏତେ ବେଶୀ ଖାଇ ଦିଅନ୍ତି ଯେ ହଜମ କରିନପାରି ମରିଯାଆନ୍ତି ।

Dung beetle ର ନାମ କରଣ କିପରି ହେଲା ?

ଡଙ୍ଗ ବିଟ୍‌ଲ ଛୁଆମାନଙ୍କୁ ତାଙ୍କ ମା ବହୁତ ଯତ୍ନ ଓ କଷ୍ଟରେ ଖୁଆନ୍ତି । ଜନ୍ତୁମାନଙ୍କ ମଇଳାରୁ କିଛି ନେଇ ସେ ଗୋଟିଏ ଛୋଟ ବଲ୍ ତିଆରି କରେ । ସେହି ବଲ୍ କୌଣସି ସୁବିଧା ସ୍ଥାନରେ ରଖି ତାହା ଉପରେ ଅଣ୍ଡା ଦିଏ । ଅଣ୍ଡାରୁ ଛୁଆ

Digitized by PPRACHIN, SOA

ବାହାରିଲେ ସେହି ମଇଳା ଖାଆନ୍ତି ।

କେଉଁ ମରୁଭୂମି ପକ୍ଷୀ ବିଶ୍ୱାସୀ ?

ଅଷ୍ଟ୍ରେଲିଆର ଗାଲା ପକ୍ଷୀ ପେଟରେ ପର ନାଲି ରଙ୍ଗ । ପୁରୁଷ ଓ ସ୍ତ୍ରୀ ପକ୍ଷୀ ସାରା ଜୀବନ ଏକାଠି ରହନ୍ତି । ସେମାନେ ପ୍ରତିବର୍ଷ ବସା ବାନ୍ଧିଥିବା ଗଛକୁ ଆସନ୍ତି । ତାଙ୍କର ଛୁଆମାନଙ୍କୁ ଖୁଆନ୍ତି । ବର୍ଷା ହୋଇ ଖାଦ୍ୟ ଯଥେଷ୍ଟ ମିଳିଲେ ଅଧିକ ଅଣ୍ଡା ଦିଅନ୍ତି । ବେଶୀ ଖରା ଓ ଖାଦ୍ୟ ଅଭାବ ହେଲେ ଗୋଟିଏ ଅଣ୍ଡା ଦିଅନ୍ତି ।

ସବୁଜ ବେଙ୍ଗ କିପରି ରଡ଼ି କରେ ?

ବର୍ଷା ହେଲେ ପୁରୁଷ ବେଙ୍ଗ ମାଈ ବେଙ୍ଗକୁ ଆକର୍ଷଣ କରିବା ପାଇଁ ରଡ଼ିକରେ । ବେଙ୍ଗ ତଣ୍ଟିରେ ଥିବା ସ୍ୱରଯନ୍ତ୍ର ଭିତର ଦେଇ ପବନ ଛାଡ଼ି ଶବ୍ଦ କରେ । ବେକରେ ଥିବା ପବନ ଥଳୀ ଭିତର ଦେଇ ଶବ୍ଦ ଗଲାବେଳେ ବହୁଗୁଣ ବଢ଼ିଯାଏ ।

ବାଷ୍ଟାର୍ଡ଼ ପକ୍ଷୀ କିପରି ନିଜକୁ ସଜାଏ ?

ବାଷ୍ଟାର୍ଡ଼ ଏସିଆ ମହାଦେଶ ମରୁଭୂମିର ଗୋଟିଏ ବଡ଼ ପକ୍ଷୀ । ପ୍ରଜନନ ସମୟରେ ପୁରୁଷ ପକ୍ଷୀ ସ୍ତ୍ରୀ ପକ୍ଷୀକୁ ଆକର୍ଷଣ କରିବା ପାଇଁ ବଡ଼ ସୁନ୍ଦର ନାଚ ନାଚେ । ବେକ ଫୁଲେଇ, ଲାଞ୍ଜ ଟେକି, ଡେଣା ମେଲାଇ ଦେଲେ ଦୁଇଟି ବଡ଼ ପଙ୍ଖା ପରି ଦେଖାଯାଏ ।

Digitized by PPRACHIN, SOA

କାହାର ଥୋମଣୀ ପାଖରେ ଦାନ୍ତ ଅଛି ?

ମାଇ କଇଁଚ ବାଲିରେ ଗାତ ଖୋଳି ଅଣ୍ଡା ରଖି ତାହା ବାଲିରେ ଘୋଡ଼ାଇ ଦିଏ । ଅଣ୍ଡା ଫୁଟିବା ସମୟ ହେଲେ କଇଁଚ ଛୁଆ ମୁହଁ ପାଖରେ ଥିବା ଦାନ୍ତରେ ଅଣ୍ଡା ଖୋଳ ଫଟାଇ ବାହାରକୁ ଆସନ୍ତି, ଅଧିକାଂଶ ଛୁଆଙ୍କୁ ଚିଲ ଓ ଅନ୍ୟପକ୍ଷୀ ଖାଇଦିଅନ୍ତି ।

କେଉଁ ଅଣ୍ଡିରା ହରିଣର ବହୁତ ସ୍ତ୍ରୀ ଥାଆନ୍ତି ?

ଉତ୍ତର ଆଫ୍ରିକା ଏବଂ ଆରବ ମରୁଭୂମିରେ ଛୋଟ ଡରକସ୍ ହରିଣ ବାସ କରେ । ଅଣ୍ଡିରା ହରିଣ ଅନେକ ଗୁଡ଼ିଏ ମାଇ ହରିଣ ସାଙ୍ଗରେ ରହେ । ଅନ୍ୟ କୌଣସି ଅଣ୍ଡିରା ହରିଣ ଆସିଲେ ଶିଙ୍ଗରେ ତାହା ସହିତ ଯୁଦ୍ଧ କରେ ।

କିଏ ଭଲ ନାଚି ନ ପାରିଲେ ଦଣ୍ଡ ପାଏ ?

ପ୍ରଜନନ ପୂର୍ବରୁ ମାଇ ଓ ଅଣ୍ଡିରା କଙ୍କଡ଼ା ବିଛା ନାଚନ୍ତି । ସେମାନେ ତାଙ୍କର ଶଣ୍ଢୁଆଶୀ ପରି ଆଗଗୋଡ଼ ଛନ୍ଦି ଦେଇ ତେଇଁ ତେଇଁ ମରୁଭୂମିରେ ନାଚନ୍ତି । ଅଣ୍ଡିରା ବିଛା ଭଲ ନାଚି ନ ପାରିଲେ ମାଇ ବିଛା ତାହାକୁ ମାରି ଖାଇଦିଏ ।

ପଙ୍ଗପାଳ ଗୀତ ଗାଇବା ପରି ଶବ୍ଦ କାହିଁକି କରେ ?

ଅଣ୍ଡିରା ପଙ୍ଗପାଳ ମାଇ ପଙ୍ଗପାଳକୁ ଆକର୍ଷଣ କରିବା ପାଇଁ, ଚୁଁ ଚୁଁ ଶବ୍ଦ କରେ । ସେ ପଛ ଗୋଡ଼ ଓ ଡେଣା ବାଉଁଶ ଉପରେ ଘଷିବା ଦ୍ୱାରା ଏକ ପ୍ରକାର କର୍କଶ ଶବ୍ଦ ବାହାରେ । ପ୍ରଜନନ ପରେ ପଙ୍ଗପାଳ ବାଲିରେ ଅଣ୍ଡାଦିଏ ।

ମରୁଭୂମିରେ ବାସ କରୁଥିବା କେଉଁ ସ୍ତନ୍ୟପାୟୀ ପ୍ରାଣୀ ଅଣ୍ଡାଦିଏ ?

ଏକ୍‌ଡିନା ସ୍ତନ୍ୟପାୟୀ ପ୍ରାଣୀ ହେଲେ ମଧ୍ୟ ଅଣ୍ଡା ଦିଏ । ବତକ ପରି ଥଣ୍ଟ ଥିବା ପ୍ଲାଟିପସ୍ ମଧ୍ୟ ଅଣ୍ଡା ଦିଏ । ପୃଥିବୀରେ କେବଳ ଏହି ଦୁଇ ପ୍ରକାର ସ୍ତନ୍ୟପ୍ରାୟୀ ପ୍ରାଣୀ ଅଣ୍ଡା ଦିଅନ୍ତି ।

ବୁଡ୍‌ଜି ପକ୍ଷୀ ମାନେ ତାଙ୍କ ପିଲାଙ୍କୁ କ'ଣ ଖୁଆନ୍ତି ?

ସ୍ତନ୍ୟପାୟୀ ପ୍ରାଣୀମାନେ ପ୍ରକୃତ କ୍ଷୀର ପ୍ରସ୍ତୁତ କରନ୍ତି । ବୁଡ୍‌ଜି ପକ୍ଷୀ ତାର ଛୁଆକୁ ଏକ ପ୍ରକାର ପତଳା ବୁଡ୍‌ଜୀ କ୍ଷୀର ଖୁଆଏ । ମାଇ ପକ୍ଷୀ ତାର ତଣ୍ଟିରେ କ୍ଷୀର ପ୍ରସ୍ତୁତ କରି ଥଣ୍ଟ ଦ୍ୱାରା ଛୁଆଙ୍କୁ ଖୁଆଏ । ମାସେ ପରେ ଛୁଆ ବଡ଼ ହୋଇଗଲେ

Digitized by PPRACHIN, SOA

ବସାରୁ ବାହାରକୁ ଉଡିଯାଆନ୍ତି ।

କେଉଁ ଜୀବ ଦୁଇଦିନରେ ଅଣ୍ଡା ଫୁଟାଇ ଦୁଇ ସପ୍ତାହ ମଧ୍ୟରେ ଏକ ବଡ଼ ଜୀବ ହୋଇଯାଏ ?

ବ୍ରାହ୍ମଣୀ ବେଙ୍ଗ ବର୍ଷର ଅଧିକାଂଶ ସମୟ କାଦୁଅ ଭିତରେ ରହିଥାଏ । ବର୍ଷା ହେଲେ ବାହାରକୁ ଆସେ । ଖରାଦିନ ହୋଇ ପାଣି ଶୁଖିଯିବା ପୂର୍ବରୁ ମାଈ ବେଙ୍ଗ ଅଣ୍ଡା ଦିଏ । ଦୁଇଦିନ ପରେ ସେଥିରୁ ଟାଡ୍‌ପୋଲ ବାହାରନ୍ତି ଓ ଦୁଇସପ୍ତାହ ମଧ୍ୟରେ ବଡ଼ ବେଙ୍ଗରେ ପରିଣତ ହୁଅନ୍ତି । ସାଧାରଣତଃ ଏହି ପ୍ରକ୍ରିୟା କେତେମାସ ଲାଗେ । କିନ୍ତୁ ମରୁଭୂମି ବେଙ୍ଗର ଏହା ଦୁଇ ସପ୍ତାହରେ ହୋଇଯାଏ । ପାଣି ଶୁଖିଯିବା ପୂର୍ବରୁ ନୂଆ ଜନ୍ମ ହୋଇଥିବା ବେଙ୍ଗ ମାଟିରେ ପଶି ରହନ୍ତି । ବର୍ଷା ହେଲେ ବାହାରକୁ ଆସନ୍ତି ।

କେଉଁ ପତଙ୍ଗ ଅନେକ ଥର ନିଜ ଦେହର ଚର୍ମ ବଦଳାଏ ?

ଅନ୍ୟ ପତଙ୍ଗ ମାନଙ୍କ ତୁଳନାରେ ଝିଣ୍ଟିକାର ଚର୍ମ ବହୁତ ଟାଣ । ଟାଣ ଚର୍ମ ଶରୀରକୁ ରକ୍ଷା କରେ ସତ କିନ୍ତୁ ଟାଣ ଚର୍ମ ଥିବାରୁ ତାର ଶରୀରର ଆକାର ବୃଦ୍ଧି ହୋଇପାରେନାହିଁ। ତେଣୁ ସେ ମଝିରେ ମଝିରେ ବଢ଼ିଲାବେଳେ ଚର୍ମ ବାହାରକରିଦିଏ ଓ ନୂଆ ଚର୍ମ ତିଆରି ହୁଏ ।

କେଉଁ ମରୁଭୂମି ଜନ୍ତୁ ନିଜ ଛୁଆକୁ ଦେହରେ ଥିବା ଥଳୀରେ ରଖେ ?

ସ୍ତନ୍ୟପାୟୀ ପ୍ରାଣୀ ମୋଲ୍ ମାଟିତଳେ ଅଷ୍ଟ୍ରେଲିଆ ମରୁଭୂମିରେ ବାସ କରନ୍ତି । ମୋଲ୍ ଜାତୀୟ ପ୍ରାଣୀର ମାଆ ପେଟରେ ଥିବା ଥଳି ଲାଞ୍ଜ ଆଡକୁ ଥାଏ ଏବଂ ତାହା ପଛଆଡକୁ

Digitized by PPRACHIN, SOA